ODIA DAILY EDITION
02.10.2024
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଅକ୍ଟୋବର-୦୨, ୨୦୨୪
ବର୍ଷ-୩୬, ସଂଖ୍ୟା-୮୮
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews



ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀରେ 'ମାତୃଭାଷା'ର ବିନମ୍ର ଶ୍ରଦ୍ଧାଞ୍ଜଳି

## କମର୍ସିଆଲ ଗ୍ୟାସ ସିଲିଣ୍ଡର ୪୮.୫୦ ଟଙ୍କା ବଢ଼ିଲା

**ନୂଆଦିଲ୍ଲୀ, ୧।୧୦:** ପାର୍ବଣ ଆରମ୍ଭରେ ମହଙ୍ଗା ହେଲା କମର୍ସିଆଲ ଗ୍ୟାସ ସିଲିଣ୍ଡର । ସରକାରୀ କ୍ଷେତ୍ରରେ ତୈଳ ଏବଂ ଗ୍ୟାସ ମାର୍କେଟିଂ କମ୍ପାନୀଗୁଡିକ (ଓଏମସୀ) କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ୪୮.୫୦ ଟଙ୍କା ବୃଦ୍ଧି କରିଛନ୍ତି। ତେବେ ଘରୋଇ ରୋଷେଇ ସିଲିଣ୍ଡରର ମୁଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ନୂତନ ଦର ଆଜି (ମଙ୍ଗଳବାର)ଠାରୁ କାର୍ଯ୍ୟକାରୀ ହୋଇଛି ।ଇଣ୍ଡିଆନ ଅଏଲର ୱେବସାଇଟ ଅନୁଯାୟୀ ନୂଆଦିଲ୍ଲୀରେ ୧୯ କିଲୋଗ୍ରାମ କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୁଲ୍ୟ ୪୮.୫୦ ଟଙ୍କା ରୁ ୧୭୪୦ ଟଙ୍କାକୁ ବୃଦ୍ଧି ହୋଇଛି, ଯାହା ପୁର୍ବରୁ ୧୬୯୧.୫୦ ଟଙ୍କାରେ ଉପଲବ୍ଧ ଥିଲା।

## ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ

**ଭୁବନେଶ୍ୱର, ୧।୧୦:** ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନଆରୋଗ୍ୟ ସ୍ୱାସ୍ଥ୍ୟବୀମା । ଖୁବଶୀଘ୍ର ଲାଗୁ ହେବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ୧ କୋଟି ପରିବାରର ସାଢ଼େ ୩ କୋଟି ଲୋକ ପାଇବେ ହେଲ୍‌ଥ କାର୍ଡ । କାର୍ଡରେ ଦେଶର ୨୭ ହଜାର ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟସେବା ପାଇ ପାରିବେ ହିତାଧିକାରୀ । ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବି ପାଇବେ ସ୍ୱାସ୍ଥ୍ୟ ବୀମା ସୁବିଧା । ଆୟୁଷ୍ମାନରେ ୬୭ ଲକ୍ଷ ପରିବାର, ଗୋପବନ୍ଧୁରେ ୩୩ ଲକ୍ଷ ପରିବାର ସାମିଲ୍ ହେବେ । ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ଓ ମହିଳାଙ୍କୁ ୧୦ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମିଳିବ ।

## ଦୁଷ୍କର୍ମ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ

**ସମ୍ବଲପୁର, ୧।୧୦:** ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୁଷ୍କର୍ମକାରୀକୁ ସମ୍ବଲପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟ ଫାଶି ଦଣ୍ଡ ଶୁଣାଇଛନ୍ତି। କୋର୍ଟ ଦୋଷୀ ପ୍ରଶାନ୍ତ ବଘାରକୁ ୧ କୋଟି ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାଯାଏ, ୨୦୨୨ ମାର୍ଚ୍ଚ ୨୫ ତାରିଖ ସକାଳ ୮ଟାରେ ପୀଡିତା ଘର ପାଖରେ ଥିବା ପଡ଼ିଆକୁ ଶୌଚ ପାଇଁ ଯାଇଥିଲା। ଏହି ସମୟରେ ପ୍ରଶାନ୍ତ ବଘାର ବଳପୂର୍ବକ ନାବାଳିକାକୁ ଉଠାଇ ନେଇ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ ପରେ ଏକ କୁରାଢ଼ୀରେ ନୃଶଂସ ଭାବେ ହତ୍ୟା କରିଥିଲା। ନାବାଳିକାର ଶରୀରରୁ ମୁଣ୍ଡକୁ ଅଲଗା କରିଦେଇଥିଲା। ଏହା ପରେ କଟା ମୁଣ୍ଡ ନଳକୂପ ପାଣିରେ ଧୋଇଥିଲା। ଏହା ଦେଖି ଗ୍ରାମବାସୀ ଭୟଭୀତ ହୋଇଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଜମନକିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲା। ପରେ ପୀଡିତାର ବାପା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଧାରା ୩୦୨/୩୭୬ ଓ ପୋକ୍ସୋ ଆଇନ ବଳରେ ଚାର୍ଜସିଟ୍ ଦାଖଲ କରିଥିଲା। ଆଜି ପୋକ୍ସୋ କୋର୍ଟ ୨୫ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ ସହିତ ପ୍ରମାଣକୁ ଆଧାର କରି ଶୁଣାଣି କରିଛନ୍ତି। ଦୋଷୀଙ୍କୁ ଏକ ବର୍ଷ ଜରିମାନା ଦଣ୍ଡାଦେଶ ହୋଇଛି। ପୀଡିତାଙ୍କ ପରିବାରକୁ ଦେଢ଼ ବର୍ଷ ପରେ ନ୍ୟାୟ ମିଳିଛି। ସରକାରଙ୍କ ପକ୍ଷରୁ ସନ୍ତୋଷ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ପୁଞ୍ଜି ପାଇଁ ଦିଲ୍ଲୀ ଯିବେ ମୋହନ

### ନିବେଶକଙ୍କୁ ମନାଇବେ ■ ଓଡ଼ିଶାକୁ ନିବେଶ ଆଣିବେ

- ଶିଳ୍ପପତିଙ୍କୁ ଆକୃଷ୍ଟ କରୁଛି ଓଡ଼ିଶାର ଶିଳ୍ପନୀତି
- ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ନିବେଶକଙ୍କ ମନ ଜିଣୁଛି
- ନୂଆ ଶିଳ୍ପ ପାଇଁ ରାଜ୍ୟରେ ଉନ୍ନତ ଭିତ୍ତିଭୂମି ରହିଛି



**ଭୁବନେଶ୍ୱର, ୧।୧୦:** ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ରୋଡ଼ମ୍ୟାପ ପ୍ରସ୍ତୁତ। ନିବେଶ ଆସିବ, ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଛିଡା ହେବ। ଏଥିପାଇଁ ବୁଧବାର ଠାରୁ ୨ ଦିନିଆ ଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶାରେ ନିବେଶ ପାଇଁ ନୀଳନକ୍ସା ରଖିବେ ମୋହନ। ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା ସହ ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ଥିବା ଅପାର ସମ୍ଭାବନାକୁ ସାମ୍ନାକୁ ଆଣିବେ ମୁଖ୍ୟମନ୍ତ୍ରୀ ।

କେବଳ ମାଇନିଂ କ୍ଷେତ୍ରରେ ସୀମିତ ରହିବନି ଓଡ଼ିଶାର ଶିଳ୍ପ। ପେଟ୍ରୋ କେମିକାଲ, ଫୁଡ ପ୍ରୋସେସିଂ, ଆଇଟି, ଟେକ୍ସଟାଇଲ, ଏମଏସଏମଇ କ୍ଷେତ୍ରରେ ନିବେଶର ନୂଆ ନାଁ ସାଜିବ ଓଡ଼ିଶା। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ପାଇଁ ସରକାରଙ୍କ ପ୍ରସ୍ତୁତି ଭିତରେ ନିପ୍ପନ ଷ୍ଟିଲ ପ୍ରକଳ୍ପକୁ ନେଇ ଆସିଛି ଖୁସି ଖବର। ଆନୁସଙ୍ଗିକ ସୁବିଧା ଯୋଗାଇ ଦେବା ସହ ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ପାଇଁ, ବିଭାଗ ପ୍ରସ୍ତୁତି ହେଉଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେହିଭଳି ଜେଏସଡବ୍ଲୁ କ୍ଷେତ୍ରରେ ପୂର୍ବ ସରକାର ଏମଓୟରୁ ସୀମିତ ଥିବା ବେଳେ ମୋହନ ସରକାର ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ପ୍ରସ୍ତୁତ ବୋଲି ମନ୍ତ୍ରୀ ଦୃଢ ଯୁକ୍ତି ବାଢିଛନ୍ତି।

ଆସନ୍ତାବର୍ଷ ଜାନୁଆରି ୨୮ ଏବଂ ୨୯ ତାରିଖରେ ମେକ ଇନ୍ ଓଡିଶା କନକ୍ଲେଭ୍ ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଆୟୋଜିତ ହେବ। ତେବେ ଏହା ପୂର୍ବରୁ ନିବେଶକଙ୍କୁ ମନ ଜିଣିବା ସରକାରଙ୍କ ପାଇଁ ସବୁଠୁ ବଡ ଆହ୍ୱାନ ।

## ପରଫରମାନ୍ସ ନ ଥିଲେ ନିଆଯିବ ଦୃଢ଼ ଆକ୍ସନ

**ଭୁବନେଶ୍ୱର, ୧।୧୦:** ଦାୟିତ୍ୱ ନେଉ ନେଉ ଆକ୍ସନ ମୁଡକୁ ଆସି ଯାଇଛନ୍ତି ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ । ପରଫରମାନ୍ସ ହେଉଛି ଆଧାର, ନ କରିପାରିଲେ ଦୃଢ ଆକ୍ସନ ନିଆଯିବ ବୋଲି କହିଛନ୍ତି। ଟୁଇନ୍ ସିଟିରେ ଦୀର୍ଘ ବର୍ଷ ଧରି ରହି ଯାଇଥିବା ଗାଦି ମଡ଼ା ପୁଲିସ ଅଧିକାରୀଙ୍କୁ ଏପରି ଚେତାବନୀ ଦେଇଛନ୍ତି ପୁଲିସ କମିଶନର । ଟୁଇନ ସିଟି କମିଶନର ଏସ୍. ଦେବଦତ୍ତ ସିଂହ ଗତକାଲି ଭୁବନେଶ୍ୱରରେ ପୂର୍ବତନ ପୁଲିସ୍ କମିଶନର ସଞ୍ଜୀବ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଆଜି କଟକରେ ପହଞ୍ଚି ବିଭିନ୍ନ ଥାନା ଅଧିକାରୀ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।


ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧୀଙ୍କ ସହ ଆଲୋଚନା କରି ସେ କହିଛନ୍ତି, କେଉଁ ଅଫିସର କେତେ ଦିନ ହେବ କମିଶନରେଟ ପୁଲିସ୍ ଅଧୀନରେ କାର୍ଯ୍ୟରତ ଅଛନ୍ତି ପ୍ରଥମେ ତାହାର ତଥ୍ୟ ନିଆଯିବ । ଏହାପରେ ଅଧିକାରୀମାନଙ୍କ ସମ୍ପାଦନା କରୁଥିବା କର୍ତ୍ତବ୍ୟକୁ ତର୍ଜମା କରାଯିବ । ଆଶାନୁରୂପ କାର୍ଯ୍ୟ କରୁ ନ ଥିଲେ, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ୨୪ ଘଣ୍ଟା ଲୋକଙ୍କ ସେବା କରିବା ସହ ସେମାନଙ୍କ


**ଗାଦିମଡ଼ା ପୁଲିସ ଅଧିକାରୀଙ୍କୁ ସିପିଙ୍କ ଚେତାବନୀ**

ଅଭିଯୋଗ ଶୁଣିବା ପୁଲିସ୍‌ର କାମ । ଲୋକଙ୍କୁ ଉଚିତ ବ୍ୟବହାର ଦେଖାଇବା ସହ ତ୍ୱରିତ ନ୍ୟାୟ ଦେବାକୁ ପଦକ୍ଷେପ ନିଆଯିବ । ଅସୁବିଧା ସମୟରେ ଥାନାକୁ ଆସୁଥିବା ଲୋକଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ ସହ ସେମାନଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣାଯିବ । ଅଭିଯୋଗକାରୀ ଥାନାର ଅତିଥି ସମାନ । ଆମେ ଘରେ ଯେପରି ଅତିଥିଙ୍କ ସତ୍କାର କରିଥାଉ, ଠିକ୍ ସେହିପରି ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ସମାନ ବ୍ୟବହାର ପ୍ରଦର୍ଶନ କରାଯିବ ବୋଲି କହିଛନ୍ତି ନୂଆ ପୁଲିସ୍ କମିଶନର । ଏଥିସହ ସେ ଅପରାଧୀଙ୍କୁ ଅପରାଧ ଛାଡ଼ି ଆଗାମୀ ଦିନରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ନଚେତ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାଇ ଦେଇଛନ୍ତି। ଆଜି କଟକର ନୂଆ ଡିସିପି ଭାବେ ଦାୟିତ୍ୱ ନେଇଛନ୍ତି ୨୦୧୩ ବ୍ୟାଚର ଆଇପିଏସ୍ ଜଗମୋହନ ମୀନା। ପ୍ରକାଶ ଆରଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଜଗମୋହନ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଶ୍ରୀମନ୍ଦିର ରୋଷେଇରେ ଲୁହା କଡ଼େଇ ବ୍ୟବହାର ନେଇ କାର୍ଯ୍ୟାନୁଷ୍ଠାନ

**ପୁରୀ, ୧।୧୦:** ଶ୍ରୀମନ୍ଦିର ରୋଷେଇରେ ଲୁହା କଡ଼େଇ ବ୍ୟବହାର ନେଇ କାର୍ଯ୍ୟାନୁଷ୍ଠାନ ହୋଇଛି । ୩ ଜଣ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ । ସମ୍ପୃକ୍ତ ତିନି ସୁପକାରଙ୍କୁ ଶ୍ରୀମନ୍ଦିର ପରିସର କିମ୍ବା ରୋଷଘରେ ପ୍ରବେଶ ନିଷିଦ୍ଧ କରାଯାଇଛି । ଏଥିସହ ଜଣେ ପାଳିଆ ସେବକଙ୍କୁ ମହାପ୍ରଭୁଙ୍କ ସେବାପୂଜାରୁ ନିଲମ୍ବନ କରାଯାଇଛି । ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷରେ ଲୁହା କଡ଼େଇ ପ୍ରବେଶ ନିଷିଦ୍ଧ ରହିଛି । ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ମହାପ୍ରଭୁଙ୍କ ସେବାରେ ପରମ୍ପରା ବହିର୍ଭୂତ କାର୍ଯ୍ୟ ବରଦାସ୍ତ କରାଯିବନି । ବିଶୃଙ୍ଖଳାକୁ ମଧ୍ୟ ବରଦାସ୍ତ କରାଯିବ ନାହିଁ ।

MBA/24-25/0263

ମାତୃଭାଷା

# ନଗର ଖବର



## ଅସରାଏ ବର୍ଷାରେ କାଦୁଅ ସଲବଲ ହରିଚନ୍ଦନପୁର ସାପ୍ତାହିକ ହାଟ

**ହରିଚନ୍ଦନପୁର:** କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ସାପ୍ତାହିକ ହାଟ ଅସରାଏ ବର୍ଷାରେ କାଦୁଅ ସଲବଲ ହୋଇପଡୁଛି । ବାରମ୍ବାର ଏନେଇ ଅଭିଯୋଗ ସତ୍ତ୍ୱେ ଆରଏମସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଯେ, ହରିଚନ୍ଦନପୁର ଗ୍ରାମପଂଚାୟତ ଠାରୁ ୯୯ ବର୍ଷ ପାଇଁ ଆରଏମସି ଦୀର୍ଘ ବର୍ଷ ହେବ ନେଇଛି । ଯାହାକି ବାର୍ଷିକ କିଛି ଟଙ୍କା ଗ୍ରାମପଂଚାୟତକୁ ଦେବା ସହ ହାଟ ମଧ୍ୟରେ ଉନ୍ନତିମୂଳକ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇ ଚୂକ୍ତିନାମା ହୋଇଛି । ଆରଏମସି କର୍ତ୍ତୃପକ୍ଷ ପ୍ରତ୍ୟେକ ଦିନ ହାଟରେ ରସିଦ ଦେଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ମାଲେମାଲ ହେଉଥିବା ବେଳେ ହନ୍ତସନ୍ତ ହେଉଛନ୍ତି ବେପାରୀ ସହ ଜନସାଧାରଣ । ଦୁର୍ଭାଗ୍ୟର ବିଷୟ, ହାଟର ଚର୍ତ୍ତୁପାର୍ଶ୍ୱ ଦେଖିଲେ ସେହିଭଳି କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳେନାହିଁ । ଯଦିଓ ଦୀର୍ଘବର୍ଷ ପରେ ହାଟ ମଧ୍ୟରେ ପାଇଖାନା ନିର୍ମାଣ କରାଯାଇଛି, ହେଲେ ତାହା ମଧ୍ୟ କେବଳ ଲୋକ ଦେଖାଣିଆ, କାରଣ ନିର୍ମାଣ ପରଠାରୁ ସେଥିରେ ତାଲା ପଡ଼ି ରହିଛି । ସେହିଭଳି ସୁରକ୍ଷାକୁ ଦୃଷ୍ଟିରେ ରଖି ଫଂଚାୟତ ନିର୍ମିତ ଚର୍ତ୍ତୁପାର୍ଶ୍ୱ ପାଚେରୀ ଅଧାଖଣ୍ଡିଆରେ ନିଲାମ ପୂର୍ବରୁ ପଡ଼ିରହିଛି, ହେଲେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ସେହିପରି ହାଟ ମଧ୍ୟକୁ ଯିବା ଆସିବା ପାଇଁ ରହିଥିବା ରାସ୍ତାର କଥା ନକହିବା ଭଲ, କାରଣ ସେ ଦୃଶ୍ୟ ଦେଖିଲେ ଜାଣିବ ତ କାଦୁଅ ବିଲରେ ଲୋକେ ତଳି ପକାଉଛନ୍ତି । ହାଟ ମଧ୍ୟରେ

**ଆରଏମସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ**

ବେପାରୀଙ୍କ ବସିବା ପାଇଁ ନିର୍ମିତ ହୋଇଥିବା ପିଣ୍ଡି ଗୁଡ଼ିକର ମରାମତି କରାଯାଉନଥିବା କାରଣରୁ ବେପାରୀମାନେ ବସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ହାଟ ମଧ୍ୟରେ ପାନୀୟ ଜଳ ନିମନ୍ତେ ୪ଟି ନଳକୂପ ରହିଛି ସତ, ହେଲେ ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ । ହାଟ ମଧ୍ୟରେ ଗୋରୁ, ଗାଈ, ଛେଳି, ମେଣ୍ଢା, କୁକୁଡା ହାଟ କିଣା ବିକାରେ ମୋଟା ଅଙ୍କର ଟଙ୍କା ଆଦାୟ ହେଉଥିବା ସତ୍ତ୍ୱେ ସେମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନାହିଁ, ଯଦିଓ କୁଣ୍ଡ ନିର୍ମାଣ ହୋଇଥିଲା ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି ।

## ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସମ୍ମିଳନୀ

**ରାୟଗଡ଼ (ମାନିସ):** ରାୟଗଡ଼ ଜିଲ୍ଲା ଗୁଣପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଗୁଣୁପୁର ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା । ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଛାତ୍ରଛାତ୍ରୀମାନଙ୍କର ସମସ୍ତ ଶୈକ୍ଷିକ ଦସ୍ତାବିଜକୁ ଗୋଟିଏ ସ୍ଥାନରେ ସୁରକ୍ଷିତ ରଖିବା ପାଇଁ ଏବଂ ଏକ ରାଷ୍ଟ୍ର ଏକ ଛାତ୍ର ଏକ ପରିଚୟ ରଖିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ତଥା ଶିକ୍ଷା ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଇଚଇଇଜ ଓଉ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଶଶୀଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦୦ରୁ ଅଧିକ ଅଭିଭାବକମାନେ ଯୋଗ ଦେଇଥିଲେ । ପିତାମାତା-ଶିକ୍ଷକଙ୍କ ପାରସ୍ପରିକ କାର୍ଯ୍ୟକୁ ସୁଗମ କରିବା ଏବଂ ଏକାଡେମିକ୍ ରେକର୍ଡକୁ ଡିଜିଟାଲାଇଜେସନ୍ କରିବାକୁ ଇଚଇଇଜ ଓଉ ଏକ ବଳିଷ୍ଠ ପଦକ୍ଷେପ । ଅନୁଷ୍ଠାନର ଅଧକ୍ଷ ଯୁକ୍ତ କଳା ତଥା ବିଜ୍ଞାନ ଓ ଧନ୍ଦାମୂଳକ ଶ୍ରେଣୀର ଛାତ୍ରମାନଙ୍କ ପାଇଁ ସ୍ୱୟଂଚାଳିତ ସ୍ଥାୟୀ ଏକାଡେମିକ୍ ଆକାଉଣ୍ଟ୍ ରେଜିଷ୍ଟ୍ରି (ଇଚଇଇଜ) ଆଇଡି ସୃଷ୍ଟି କରିବା, ଏକାଡେମିକ୍ ସାର୍ଟିଫିକେଟ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟଗୁଡିକର ଡିଜିଟାଲ୍ ଷ୍ଟୋରେଜ୍ ସୁନିଶ୍ଚିତ କରିବା ଉପରେ ଏହି ବୈଠକରେ ଅଭିଭାବକମାନଙ୍କୁ ବୁଝାଇଥିଲେ । ଏହା

**ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଶଶୀଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦୦ରୁ ଅଧିକ ଅଭିଭାବକମାନେ ଯୋଗ ଦେଇଥିଲେ ।**

ସହିତ ବକ୍ତବ୍ୟକ୍ର ର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ସେ କହିଥିଲେ ଯେ ଇଚଇଇଜ ଶାରୀରିକ ଦଲିଲର ଆବଶ୍ୟକତାକୁ ହ୍ରାସ କରି ଏବଂ ସାର୍ଟିଫିକେଟ୍ ବହନ କରିବାକୁ ଛାତ୍ରମାନଙ୍କ ଉପରେ ଭାର କମାଇ ଶିକ୍ଷା ବ୍ୟବସ୍ଥାକୁ ସରଳ କରିଥାଏ ।ଏହାଦ୍ୱାରା ଜାଲିଆତି ଏବଂ ନକଲ ପ୍ରମାଣପତ୍ରକୁ ରୋକାଯାଇପାରିବ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ



ଏକକ, ବିଶ୍ୱସ୍ତ ରେଫରେନ୍ସ ପ୍ରଦାନ କରି, ଇଚଇଇଜ ଜାଲିଆତି ଏବଂ ନକଲ ଶିକ୍ଷା ପ୍ରମାଣପତ୍ରର ବିପଦକୁ ହ୍ରାସ କରେ । ଇଚଇଇଜ ଛାତ୍ରମାନଙ୍କୁ ସେମାନଙ୍କର ଏକାଡେମିକ୍ ପ୍ରଗତି, ସଫଳତା, ଏବଂ କ୍ରେଡିଟ୍ ସ୍ଥାନାନ୍ତର କରିବାରେ ସକ୍ଷମ କରିଥାଏ । ଏହା ସାକ୍ଷରତା ହାର ଏବଂ ଡ୍ରପଆଉଟ୍ ହାରକୁ ଟ୍ରାକ୍ କରିବାରେ ସାହାଯ୍ୟ କରେ, ଯାହା ରାଜ୍ୟ ସରକାରଙ୍କୁ ତଥ୍ୟ ଚାଳିତ ଉନ୍ନତି କରିବାକୁ ସକ୍ଷମ କରିଥାଏ । ଏହା ଏକାଡେମିକ୍ ରେକର୍ଡ, ପ୍ରମାଣପତ୍ର, ଏବଂ ସଫଳତାକୁ ଡିଜିଟାଲ୍ ଭାବରେ ଗଚ୍ଛିତ କରେ, ଶାରୀରିକ ଦଲିଲର ଆବଶ୍ୟକତାକୁ ଦୂର କରେ । ଏହା ବିଦ୍ୟାଳୟ କିମ୍ବା ରାଜ୍ୟ ମଧ୍ୟରେ ଗତି କରୁଥିବା ଛାତ୍ରମାନଙ୍କ ପାଇଁ ସ୍ଥାନାନ୍ତର ପ୍ରକ୍ରିୟାକୁ ସରଳ କରିଥାଏ । ସେହିପରି ପ୍ରାଧ୍ୟାପକ ଡକ୍ଟର ଜୱାହାରଲାଲ୍ ଚୌଧୁରୀ ସ୍ୱୟଂଚାଳିତ ସ୍ଥାୟୀ ଏକାଡେମିକ୍ ଆକାଉଣ୍ଟ୍ ରେଜିଷ୍ଟ୍ରି (ଆପା) ଆଇଡିର ମୂଳ ଉଦ୍ଦେଶ୍ୟ ଓ ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ ଯେ ଏହା ହେଉଛି ପ୍ରତ୍ୟେକ ଛାତ୍ରଙ୍କୁ ଏକ ଆଜୀବନ, ଅନନ୍ୟ ପରିଚାୟକ ପ୍ରଦାନ କରିବା ସହ ସେମାନଙ୍କର ଡିଗ୍ରୀ, ଛାତ୍ରବୃତ୍ତି, ପୁରସ୍କାର ଏବଂ ଅନ୍ୟାନ୍ୟ କ୍ରେଡିଟ୍ ସହିତ ଡିଜିଟାଲ୍ ଭାବରେ ସେମାନଙ୍କର ଏକାଡେମିକ୍ ରେକର୍ଡକୁ ଏକତ୍ର କରିଥାଏ ।

ସେହିପରି ଅଭିଭାବକମାନଙ୍କ ଦ୍ୱାରା ପୂରଣ ହୋଇଥିବା ବକ୍ତବ୍ୟକ୍ର ଫର୍ମକୁ ସଠିକ୍ ରୂପେ ଯାଞ୍ଚ କରିବା ନିମନ୍ତେ ଅଧ୍ୟାପକ ଲକ୍ଷ୍ମଣ ଶବର,ଅଧ୍ୟାପକ ପ୍ରିୟବ୍ରତ ମହାକୁଡ଼ ,ଅଧ୍ୟାପିକା ଦୀପ୍ତିମୟୀ ବଡ଼ରଇତା, ଅଧ୍ୟାପିକା ବନ୍ଦିତା ଧୁରୁଆ, ଅଧ୍ୟାପିକା ନମିତା ମୁଦୁଲି, ଅଧ୍ୟାପିକା ଲକ୍ଷ୍ମୀ ଗମାଙ୍ଗ, ଅଧ୍ୟାପିକା ସୁନୀତା ଗମାଙ୍ଗ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେହିପରି ଅଧ୍ୟାପକ ସତୀଶ କୁମାର ପଟ୍ଟନାୟକ, ଅଧ୍ୟାପକ ଜଗନ୍ନାଥ ଦୀପ, ଅଧ୍ୟାପକ ଗୋକୁଳାନନ୍ଦ ସାହୁ, ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି, ଅଧ୍ୟାପିକା ଡକ୍ଟର ଦୀପିକା ପଟ୍ଟନାୟକ, ଅଧ୍ୟାପକ ଜିତେନ୍ଦ୍ର ବଡମୁଣ୍ଡି, ଅଧ୍ୟାପକ ଏବ୍ରୀ ରଇତା, ଅଧ୍ୟାପକ ଡକ୍ଟର ସତ୍ୟବାନ୍ ଗରଡ଼ା, ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଅଧ୍ୟାପକ ତାମିଲା ପରାସେଠ୍, ଅଧ୍ୟାପକ ଅଗାଧୁ ଶବର ପ୍ରମୁଖ ବିଭିନ୍ନ ପ୍ରକୋଷ୍ଠରେ ରହି ଏହି କାର୍ଯ୍ୟକ୍ରମକୁ ସଫଳ ଭାବରେ ତ୍ୱରାନ୍ୱିତ କରିଥିଲେ । ସମସ୍ତ ଅଧ୍ୟାପକଙ୍କ ସାମୂହିକ ଉଦ୍ୟମ ଯୋଗୁଁ ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ କରାଯାଇଥିଲା ।

**ରେଲୱେ ଏଆରଏମଙ୍କୁ ଦାବିପତ୍ର**

## ପାଲ ନ ଭିଡ଼ି କୋଇଲା ପରିବହନ କଲେ ଆନ୍ଦୋଳନ

**ତାଳଚେର(ମାନିସ):** କୋଇଲା ପରିବହନ ବେଳେ ରେଳ ୱାଗନରେ ପାଲ ନଭିଡି ଯାତାୟତ କରି ପରିବେଶକୁ ପ୍ରଦୂଷଣ କରିବା ସମ୍ବନ୍ଧରେ ଇଷ୍ଟକୋଷ୍ଟ ରେଲୱେ ଅଧୀନ ତାଳଚେର ଏରିଆ ରେଲୱେ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି କ୍ଷ ତାଳଚେର ରେଲୱେ ଷ୍ଟେସନ ଦେଇ ଦୈନିକ ରେଳ ୱାଗନ ଗୁଡିକ ଓଭରଲୋଡ ହୋଇ କୋଇଲା ବିଭିନ୍ନ କଳକାରଖାନାକୁ ଏମ.ସି.ଏଲ ପଠାଇ ଆସୁଛି । ପାଲ ଭିଡା ନହୋଇ ରେଳ ୱାଗନ ଗୁଡିକ କୋଇଲା ବୋଝେଇ ହୋଇ ଯାଉଥିବାରୁ ନିକଟବର୍ତ୍ତୀ ଅଞ୍ଚଳ ଗୁଡିକ ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି । ତାଳଚେରର ବିଭିନ୍ନ ଅନୁଷ୍ଠାନ, ଟ୍ରେଡ ୟୁନିୟନ, ବୁଦ୍ଧିଜୀବୀ ଓ ପରିବେଶବିତ୍ ମାନେ ଏଭଳି ପ୍ରଦୂଷଣ ବନ୍ଦ କରିବା ନିମନ୍ତେ ପଦକ୍ଷେପ ନେବାକୁ ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ପୋଲିସ ପ୍ରଶାସନଙ୍କୁ ଦୀର୍ଘ ଦିନ ହେବ ଜଣାଇ ଆସୁଛନ୍ତି । ସେହିପରି ଏ ସମ୍ବନ୍ଧରେ ମଧ୍ୟ ବିଭିନ୍ନ ଗଣମାଧ୍ୟମ ଯଥା ଇଲେକ୍ଟ୍ରୋନିକ୍ସ ମିଡିଆ ଓ ପ୍ରିଣ୍ଟ ମିଡିଆରେ ଖବରମାନ ମଧ୍ୟ ପ୍ରସାରିତ ହୋଇଆସୁଛି । ଏହା ସତ୍ତ୍ୱେ କେଉଁ କାରଣ ଯୋଗୁଁ କୋଇଲା ବୋଝେଇ ହୋଇ ଯାଉଥ ?ିବା ରେଳ ୱାଗନରେ ପାଲ ଭିଡା ଯାଉନାହିଁ ତାହା ତଦନ୍ତ ସାପେକ୍ଷ । ରେଲୱେ




ଓ ଏମ.ସି.ଏଲ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ପାଇଁ କୌଣସି ବୈଠକ ମଧ ଡକାଇ ବାୟୁ ପ୍ରଦୂଷଣର ନିରାକରଣ କିଭଳି ହୋଇ ପାରିବ ଆଲୋଚନା ମଧ କରୁନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ତେବେ ଉପୁଜୁ ଥିବା ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ପାଲ ନ ଭିଡ଼ି କୋଇଲା ପରିବହନ କରାଗଲେ ଆଗାମୀ ଦିନରେ ତାଳଚେର ଜନସାଧାରଣଙ୍କ ତରଫରୁ ଏକ ବିରାଟ ଜନ ଆନ୍ଦୋଳନ ରେଲୱେ ଷ୍ଟେସନ ଠାରେ କରାଯିବ । ଏଥିସହ ତାଳଚେରରୁ କୌଣସି କୋଇଲା ବୋଝେଇ ରେଳ ୱାଗନ ବିନା ପାଲ ଭିଡାରେ ବାହାରକୁ ଛଡାଯିବ ନାହିଁ, ଦରକାର ପଡିଲେ ଅର୍ଥନୈତିକ ଅବରୋଧ କରାଯିବାକୁ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି । ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ପଦକ୍ଷେପ ନେବାକୁ ଦାବୀପତ୍ର ଯୋଗେ ଅନୁରୋଧ କରାଯାଇଛି । ସେହିପରି ଆଜି ଅନୁଗୋଳ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିରରେ ଏ ସମ୍ପର୍କିତ ଏକ ଦାବୀପତ୍ର ପ୍ରଦାନ କରାଯିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରାଯାଇଛି କ୍ଷ ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ସଭାପତି ରାଜ କିଶୋର ସାହୁ, ତାଳଚେରର ପୂର୍ବତନ ବ୍ଲକ ଅଧକ୍ଷ ଦିଗାମ୍ବର ଗଡ଼ନାୟକ, ଶରତ ଚନ୍ଦ୍ର ନାଏକ, ପ୍ରଗତିର ସମ୍ପାଦକ ପ୍ରଭାତ କୁମାର ରଥ, ପ୍ରତାପ ପ୍ରଧାନ, ଗଣପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଗୀଣା ଓଟକୁ ଛାଡ଼ି ଫେରାର୍ ହୋଇଗଲା ମାଲିକ

**ବଲାଙ୍ଗିର:** ବର୍ଷ ବର୍ଷ ଧରି ଓଟକୁ ଲୋକଙ୍କୁ ଦେଖାଇ ଅର୍ଥ ଉପାର୍ଜନ କଲା, ପେଟ ପୋଷିଲା । ଯେତେବେଳେ ଓଟ ରୋଗୀଣା ହୋଇଗଲା, ସେତେବେଳେ ମୁମୂର୍ଷୁ ଓଟକୁ ରାସ୍ତା କଡ଼ରେ ଛାଡ଼ି ମାଲିକ ଫେରାର୍ ହୋଇଗଲା । ଶେଷରେ ଚିକିତ୍ସା ନପାଇ ଓଟ ଜୀବନ ହାରିଲା । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ସହରର କରଙ୍ଗାକଟା ବନ୍ଧଆଡ଼ିରେ । ସୂଚନା ଅନୁସାରେ, ଗତ କିଛି ଦିନ ତଳେ ସହରର କେତେକ ପୂଜା କମିଟି ଭସାଣୀ ପାଇଁ ଓଟ ଅଣାଇଥିଲେ । କିନ୍ତୁ, ଭସାଣୀ ଯାତ୍ରା ସରିବା ପରେ ମଧ୍ୟ ଓଟର ମାଲିକ ବଲାଙ୍ଗିରରେ ରହି ମାଗିଯାଚି ଖାଉଥିଲେ । ଗତକାଲି ରବିବାର ବଜାରରେ ଓଟ ନେଇ ବୁଲୁଥିଲେ ଓଟ ମାଲିକ । ଏତିକି ବେଳେ ହଠାତ୍ ଓଟ ଅସୁସ୍ଥ ହୋଇପଡ଼ିଥିଲା ଓ ତାର ନାକ ଓ ପିଠିରୁ ରକ୍ତ କ୍ଷରଣ ହୋଇଥିଲା । ଓଟ ଆଉ ଚାଲି ପାରିନଥିଲା । ଯେମିତି ସେମିତି ପ୍ରକାରେ ଓଟକୁ କରଙ୍ଗାକଟା ବନ୍ଧ ଆଡ଼ିକୁ ଆଣି ଛାଡ଼ି ଦେଇ ଫେରାର୍ ହୋଇଯାଇଥିଲେ ଓଟ ମାଲିକ । ଅସହାୟ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିଲା ଓଟ ।

## ଓଏଭି ତାଳଚେରରେ ହିନ୍ଦୀ ପକ୍ଷ ଉଦଯାପିତ



**ତାଳଚେର(ମାନିସ):** ଆଦର୍ଶ ବିଦ୍ୟାଳୟ ତାଳଚେର (ମହୁଲପାଳ), ଠାରେ ମହା ଆଡ଼ମ୍ବରରେ ହିନ୍ଦୀ ପକ୍ଷ ପାଳିତ ହୋଇ ଯାଇଅଛି । ହିନ୍ଦୀ ଦିବସର ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଅମିତ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିବା ବେଳେ ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ ସନ୍ଥପଡ଼ାର ହିନ୍ଦୀ ଶିକ୍ଷକ ସରୋଜ କୁମାର ଦାସ ମୁଖ୍ୟ ବକ୍ତା ଧରମପୁର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପଦ୍ମ ଚରଣ ବେହେରା ଏବଂ ସମ୍ମାନିତ ଅତିଥି ଦେବଗଡ଼ ଜିଲ୍ଲା ବାଘବର ସରକାରୀ ଉନ୍ନୀତ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବସନ୍ତ କୁମାର ବରାଳ ଯୋଗ ଦେଇଥିଲେ କ୍ଷ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବର୍ତ୍ତମାନ ସମୟରେ ରାଷ୍ଟ୍ରଭାଷାର ମହତ୍ତ୍ୱ ଏବଂ ନିଜ ମାତୃଭାଷାକୁ ସମ୍ମାନ କରିବା ସହ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ ସଚେତନ ହୋଇ ଆମ ରାଷ୍ଟ୍ରଭାଷାର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ବୁଝାଇ କହିଥିଲେ କ୍ଷ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦଶମ ଶ୍ରେଣୀ ଛାତ୍ର ଭବାନୀ ଶଙ୍କର ବେହେରା, ନବମ ଶ୍ରେଣୀ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ସାହୁ ଓ ଶୁଭଶ୍ରୀ ମହାନ୍ତି ହିନ୍ଦୀ ଦିବସର ତାତ୍ପର୍ଯ୍ୟ ବିଷୟରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଏବଂ କନିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ହିନ୍ଦୀ ବକ୍ତୃତା, କବିତା ଓ ପ୍ରବନ୍ଧ ଲିଖନ ପ୍ରଭୃତି ଅନେକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଉକ୍ତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସର୍ବଶେଷରେ ବିଦ୍ୟାଳୟର ଛାତ୍ରୀ ଦୀପ୍ତିମୟୀ ନାହାକ, ରାଲୀ ପ୍ରଧାନ, ପ୍ରଜ୍ଞା କଳ୍ପିତା ଦେହୁରୀ ଏବଂ ସ୍ୱର୍ଣପ୍ରଭା ମହାପାତ୍ର ନୃତ୍ୟ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ-ଅଭିଭାବକ ସଂଘର ସଭାପତି ବସନ୍ତ କୁମାର ନାୟକ ଓ ସଦସ୍ୟ ରଂଜିତ କୁମାର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଧାମୋହନ ପୂଜାହାରୀ ମଞ୍ଚ ପରିଚାଳନା କରିଥବା ବେଳେ ଆଇଟି ଶିକ୍ଷକ ଅମଳେନ୍ଦୁ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ ।


## ସୁସ୍ଥ ହୃଦୟ ପାଇଁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ:** ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ସୁସ୍ଥ ହୃଦୟ ପାଇଁ ସଚେତନତା ତଥା ମାଗଣା ସ୍ୱାସ୍ଥ୍ୟ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ କ୍ରୋଧ, ଚିନ୍ତା, ଅଶାନ୍ତି, ଆମିଷ, ତେଲ, ବନସ୍ପତି ଘୃତ, ପନିର, ଅଜୀର୍ଣ୍ଣ କାରକ ଖାଦ୍ୟ, ପୋଡ଼ା ତେଲ, ଛଣା ଖାଦ୍ୟ, ହୃଦ୍ ରୋଗ ପାଇଁ କାରଣ ଏହି ସବୁକୁ ଛାଡି ଯୋଗ, ଆସନ, ପ୍ରାଣାୟାମ କରନ୍ତୁ, ପେଟ ପରିଷ୍କାର ରଖନ୍ତୁ, ଅର୍ଜୁନଛାଲି, ପଦ୍ମମଞ୍ଜି, ଅଁଳା ସେବନ କରନ୍ତୁ । ହୃଦୟ ସଦା ସୁସ୍ଥ ରହିବ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ।

## ବିଭାରାଣୀଙ୍କ ସଫଳତା ଓଡ଼ିଶାକୁ ବିଶ୍ୱ ପର୍ବତାରୋହଣ ମାନଚିତ୍ର ରେ ନୂତନ ପରିଚୟ ଦେଇଛି: ଏନଟିପିସି ଥର୍ମାଲ

**ତାଳଚେର(ମାନିସ):** ଏନଟିପିସି ତାଳଚେର ଥର୍ମାଲ୍ ଦ୍ୱାରା ଓଡ଼ିଶାର ପର୍ବତାରୋହିଣୀ ଶ୍ରୀମତୀ ବିଭାରାଣୀ ପାତ୍ରଙ୍କ ମାଉଣ୍ଟ ଏଲବ୍ରୁସ୍ (ଯାହା ହେଉଛି ଇଉରୋପ୍ ଏବଂ ରୁଷିଆର ସବୁଠାରୁ ଉଚ୍ଚ ଚୂଡ଼ା) ଉପରେ ସଫଳ ଅଭିଯାନର ପ୍ରାୟୋଜନ କରିଛନ୍ତି । ଏହି ପ୍ରାୟୋଜନ ଏନଟିପିସି ତାଳଚେର ଥର୍ମାଲ୍‌ର ସମୁଦାୟ ଉନ୍ନୟନ ପ୍ରକଳ୍ପ ର ଏକ ଅଂଶ ଅଟେ, ଯାହା ଆଞ୍ଚଳିକ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ଏବଂ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ରତା ଲାଭ କରିବାକୁ ପ୍ରେରିତ କରିବାରେ ଲକ୍ଷ୍ୟ ରଖିଛି ।

ମେରାମୁଣ୍ଡଳୀ,ତାଳଚେରରେ ଜନ୍ମ ନେଇଥିବା ବିଭାରାଣୀ, ଯିଏ ମାଉଣ୍ଟ ଷ୍ଟୋକ୍ କାଙ୍ଗ୍ରୀ (ଲାଦାଖ) ଓ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋକୁ ଆଗରୁ ଅଭିଯାନ କରିଥିଲେ, ମାଉଣ୍ଟ ଏଲବ୍ରୁସ୍ ଉପରେ ଏହି ଚାଲେଞ୍ଜିଂ ଅଭିଯାନକୁ ଆରମ୍ଭ କରିଥିଲେ । ଏନଟିପିସି ତାଳଚେର ଥର୍ମାଲ୍‌ର ନିରନ୍ତର ସମର୍ଥନ ସହିତ, ବିଭାରାଣୀଙ୍କ ଏହି ଉଦ୍ୟମ



ଓଡ଼ିଶାକୁ ବିଶ୍ୱ ପର୍ବତାରୋହଣ ମାନଚିତ୍ରରେ ନୂତନ ପରିଚୟ ଦେଇଅଛି ।

ଏହି ପଦକ୍ଷେପ ବିଷୟରେ କଥାବାର୍ତ୍ତା ହୋଇଥିବାବେଳେ, ଶ୍ରୀ ବିଜୟ ଚାନ୍ଦ, ପ୍ରକଳ୍ପ ମୁଖ୍ୟ ଓ ସିଜିଏମ୍, ଏନଟିପିସି ତାଳଚେର ଥର୍ମାଲ୍, କହିଲେ ବିଭାରାଣୀଙ୍କ ଏହି ଉପଲବ୍ଧି ଅତ୍ୟନ୍ତ ଗର୍ବର ବିଷୟ । ଏଭଳି ଆଞ୍ଚଳିକ ପ୍ରତିଭାକୁ ସମର୍ଥନ ଦେବା ଆମ ସମାଜ ଉନ୍ନତି ଓ ସମଗ୍ର ଉନ୍ନୟନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରକାଶ କରେ । ତାଙ୍କର ଦୃଢ଼ସଂକଳ୍ପ ଏକ ଅଭିନନ୍ଦନୀୟ ଦୃଷ୍ଟାନ୍ତ ଅଟେ ଏବଂ ମାଉଣ୍ଟ ଏଲବ୍ରୁସ୍ ଯାତ୍ରାରେ ଆମେ ତାଙ୍କ ସଂଗରେ ଥିବାରୁ ଗର୍ବିତ ଅଟୁ ।ଏହା ଏନଟିପିସି ତାଳଚେର ଥର୍ମାଲ୍‌ର ସମୁଦାୟ ଉନ୍ନୟନ କାର୍ଯ୍ୟକ୍ରମ ଅଧିନରେ ଖେଳ, ଶିକ୍ଷା ଓ ପ୍ରତିଭା ବିକାଶକୁ ଉତ୍ସାହିତ କରିବା ପ୍ରତିର ଏକ ନିରନ୍ତର ପ୍ରୟାସର ଅଂଶ । ବିଭାରାଣୀ ଏନଟିପିସି ତାଳଚେର ଥର୍ମାଲ୍‌କୁ ସମର୍ଥନ ପାଇଁ ତାଙ୍କର କୃତଜ୍ଞତା ପ୍ରକାଶ କରି, କହିଲେ, 'ମାଉଣ୍ଟ ଏଲବ୍ରୁସ୍‌ର ଏହି ଯାତ୍ରା ମୋ ପାଇଁ ଜୀବନର ସପନର ସଫଳତା ଭଳି ଥିଲା । ଏନଟିପିସି ତାଳଚେର ଥର୍ମାଲ୍‌ର ସମର୍ଥନ ବିନା ମୁଁ ଏହି ପଦକ୍ଷେପ ନେଇପାରୁ ନଥିଲି.ତାଙ୍କର ଆତ୍ମବିଶ୍ୱାସ ସାରା ଯାତ୍ରାରେ ମୋ ପାଇଁ ଗଭୀର ପ୍ରେରଣା ଥିଲା ।ଏହି ପଦକ୍ଷେପ ଏନଟିପିସି ତାଳଚେର ଥର୍ମାଲ୍‌ର ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଓ ସମୁଦାୟ ପାଇଁ ନୂତନ ସମ୍ଭାବନା ଉପଲବ୍ଧ କରିବାର ପ୍ରତିବଦ୍ଧତାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏନଟିପିସି ର ଏଭଳି ପ୍ରୟାସ ସେମାନଙ୍କୁ ଉତ୍ସାହିତ କରିଛି ଓ ଯାହା ଦ୍ୱାରା ସାଧାରଣରୁ ଅସାଧାରଣ କାମ କରିବାକୁ ସେମାନେ ଚେଷ୍ଟା କରୁଛନ୍ତି ।

## ଓଡିଶାର ଅସ୍ମିତା ଓଟିଏମ ବଦଳରେ ସରକାରୀ କାରଖାନା ପ୍ରତିଷ୍ଠା ଥଇଥାନ ଓ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଚୌଦ୍ୱାର(ମାନିସ):** ଓଟିଏମ ଆମର ଅସ୍ମିତା, ଓଡିଶା ର ଅସ୍ମିତା ଓଟିଏମ ବଦଳ ରେ ସରକାରୀ କାରଖାନା ପ୍ରତିଷ୍ଠା ଥଇଥାନ ଓ ନିଯୁକ୍ତି ଆମର ଦାବି । ଶ୍ରମିକ ପରିବାର ଯୁବକ ସଂଘ ପକ୍ଷ ରୁ ଓଡିଶା ର ଅସ୍ମିତା ଓଟିଏମ ବଦଳ ରେ ସରକାରୀ କାରଖାନା ପ୍ରତିଷ୍ଠା , ଥଇଥାନ ଓ ନିଯୁକ୍ତି ଦାବି ରେ ମୁଖ୍ୟମନ୍ତ୍ରୀ ଙ୍କୁ ସ୍ମାରୀକପତ୍ର ପ୍ରଦାନ । ସଂଘ ର ସଭପତି କୈଳାସ ଚନ୍ଦ୍ର ସାହାଣୀ ଙ୍କ ନେତୃତ୍ୱ ରେ ଏକ ୩୦ ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ଏକ ସ୍ମାରକପତ୍ର କଟକ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନା ମହନ୍ତ ଙ୍କୁ ପ୍ରଦାନ କରାଯାଇଛି । ଓଟିଏମ ଉପରେ ନିର୍ଭର କରି ପ୍ରତାକ୍ଷ ଓ ପରୋକ୍ଷ ରେ ଦୀର୍ଘ ୭୩ ବର୍ଷ ରୁ ଉର୍ଦ୍ଧ୍ୱ ହେବ ଗୁଜୁରାଣ ମେଣ୍ଟାଉଥିବା ଓଟିଏମ ଶ୍ରମିକ କଲୋନୀ, ଓଟିଏମ ଦୁର୍ଗାବଜାର, ଜୟନ୍ତୀ ନଗର, ବ୍ୟାଘ୍ରାବାହିନୀ ନଗର, ମଠ ସାହୀ, ତ୍ରିନାଥ ନଗର, ଗୋପାଳନଗର ବସ୍ତିବାସିନ୍ଦା, ଓ ବ୍ୟବସାୟୀ ମାନଙ୍କ ର ଥଇଥାନ ଅତି ଆବଶ୍ୟକୀୟ ହୋଇପଡିଛି । ଓଟିଏମ ସ୍ଥାନ ରେ ନୂତନ ଶିଳ୍ପାୟନ ଯୋଜନା ସହିତ ଏହି କାରଖାନା ଦ୍ୱାରା କ୍ଷତିଗ୍ରସ୍ତ ଶ୍ରମିକ ପରିବାର ର ଯୁବକ ଯୁବତୀ ମାନଙ୍କୁ ଯୋଗ୍ୟତା ଭିତ୍ତିକ ରେ ନିଯୁକ୍ତି ଦେବାକୁ ସଂଗଠନ ଦାବି କରିଛି । ଏହି ପ୍ରତିନିଧି ମଣ୍ଡଳୀ ରେ କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ଗଜେନ୍ଦ୍ର ମହାପାତ୍ର, ଉପସଭାପତି ରମାକାନ୍ତ ପରିଡା, ରାହାସ ବିହାରୀ ରଥ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ମହାନ୍ତି, ସହ ସମ୍ପାଦକ ନିରଞ୍ଜନ ରାଉତ, ସଂଗଠନ ସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି, ସୁରେଶ ବେହେରା, ନିରଞ୍ଜନ ମହାନ୍ତି, ଓ କୋଷାଦକ୍ଷ ପ୍ରଶାନ୍ତ କୁମାର ପରିଡା ଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

**ଆଦିବାସୀ ଗାଁ କଣ୍ଟାଝରୀ ଅବହେଳିତ**

## ଲୋକଙ୍କୁ ମିଳୁନି ମୌଳିକ ସୁବିଧା

**ହରିଚନ୍ଦନପୁର:** ଦେଶ ସାଧୀନତାର ଦିର୍ଘ ବର୍ଷ ପରେ ମଧ୍ୟ ସାଧୀନତାର ଅମୃତ ଚାଖି ପାରିନାହାଁନ୍ତି ଦୁର୍ଗମ ଅଂଚଳବାସୀ, ପ୍ରତି ମୂହୁର୍ତ୍ତରେ ଜୀଉଁଛନ୍ତି ଅଭିଶପ୍ତ ଜୀବନ । କେବେ ମିଳିବ ସେମାନଙ୍କୁ ମୌଳିକ ସୁବିଧା, ସେ ନେଇ ଚାତକ ପରି ଚାହିଁ ରହିଛନ୍ତି । ଆମେ କହୁଛୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଂଚାୟତ ଅନ୍ତର୍ଗତ ତାଳପଦାର ଦୁର୍ଗମ 'କଂଟାଝରୀ' ସାହିର କଥା । ଏହି ପଂଚାୟତର ଦୁର୍ଗମ ବଡ଼ଜେମେଇର ଜୁଆଙ୍ଗ ଜନଜାତିମାନଙ୍କ ପାଖରେ ପହଂଚି ପାରୁନାହିଁ ସରକାରୀ ସୁବିଧା ସୁଯୋଗ । ଯାହା କେନ୍ଦୁଝର ଜିଲ୍ଲାର ନଗଡ଼ା ଭାବେ ପୂର୍ବରୁ ବେଶ୍ ପରିଚିତ । ତେବେ ହରିଚନ୍ଦନପୁର ଠାରୁ ଦୈତାରୀ ମାଇନ୍ସ ଯିବା ବାଟରେ ପଡ଼େ କଂଟାଝରୀ ସାହି, ଦୈତାରୀ ଖଣି ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ରହିଛି ଏହି ସାହି । ହେଲେ ଆଜିବି ଏଠାରେ ଦେଖିବାକୁ ମିଳେନାହିଁ ବିକାଶର ପାଦ ଚିହ୍ନ । ପାନୀୟ ଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଂଚ ହୋଇ ରହିଛି । ଏଠାରେ ଗମନାଗମନ ପାଇଁ ତାଳପଦା ଦୈତାରୀ ରାସ୍ତା ଠାରୁ ପାଖାପାଖି ଏକ କିଲୋମିଟର କଂଟାଝରୀ ପର୍ଯ୍ୟନ୍ତ ରାସ୍ତା ଏବଂ ପୋଲ ନିର୍ମାଣ ନିମନ୍ତେ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ସ୍ଥାନୀୟ ନାଳରେ ପୋଲ ନିର୍ମାଣ ହୋଇପାରିନାହିଁ ଯାହା ଫଳରେ ବର୍ଷା ହେଲେ ଉକ୍ତ ସାହି ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥାଏ । ଲୋକେ ପିଡିଏସ୍ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଆସିବା ପାଇଁ ଏଠାରେ ଜୀବନ ବାଜିରେ ଲାଗୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କ କଥା ନ କହିବା ଭଲ, ନାଳ ପାର ହୋଇ ଆମ୍ବୁଲାନ୍ସ ପାଖରେ ପହଂଚିଲେ ଜୀବନ ବଂଚେ, ନଚେତ୍ ଜୀବନ ଯିବାଟି ନିଶ୍ଚିତ ବୋଲି ଦେଖିଲେ ଜାଣି ହେଉଛି । ସାହିରେ ନା ସ୍ୱଚ୍ଛ ପାନୀୟ ଜଳ, ଫଳରେ ପାଖ ନାଳରୁ ଚୂଆ କରି ବର୍ଷ ଯାକ ପାଣି ବ୍ୟବହାର କରିଥାନ୍ତି । ବର୍ଷା ହେଲେ ପାଣି ଗୋଳିଆ ହେଉଥିବା ବେଳେ ବାଧ ହୋଇ ସେହି ପାଣିକୁ ପିଇ ଜୀବନ ବଂଚାଇଥାନ୍ତି । ପୂର୍ବରୁ ଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ନଳକୂପ, ଦିର୍ଘ ଦିନରୁ ଅଚଳ ହୋଇପଡିଛି, ନା ହେଉଛି ତାର ମରାମତି, ନା ନୂଆ ନଳକୂପ ଖନନ କରାଯାଉଛି । ଯାହା

**ପାନୀୟ ଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଞ୍ଚ ହୋଇ ରହିଛି**

ଫଳରେ ପିଇବା ପାଣି ପାଇଁ ସାହିବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ସମୟରେ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ପୀଡିତ ହେଉଥିବାର ନଜିର ମଧ୍ୟ ରହିଛି । ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସଞ୍ଜ ନଇଁବା ମାତ୍ରେ ବନ୍ୟଜନ୍ତୁ ଭୟରେ ଘରର କବାଟ ପଡିଯାଏ । କେତେ ଗୁଡିଏ ସୋଲାର ଲାଇଟ ଛଡା ଆଉ କିଛି ନାହିଁ, କାହିଁ କେତେ କାଳରୁ ବିଦ୍ୟୁତ ଖୁଂଟ ପୋତା ଯାଇଛି ହେଲେ ବିଦ୍ୟୁତ ସଂଯୋଗ କେବେ ହେବ ତାହା କାହାକୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାନାହିଁ । ଗୋଟିଏ ପଟେ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ଉପରେ ଯୋଜନା କରି ରାଜସ୍ୱ ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ଏବେବି ଆଦିବାସୀମାନଙ୍କ ବିକାଶ ହୋଇପାରିନାହିଁ । ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟ କରୁଥିବା ବେଳେ ଦୈତାରୀ ଖଣିର ଛାତି ଉପରେ ଥିବା କଂଟାଝରୀ ଗାଁ ଖଣି ପ୍ରଭାବିତ ଅଂଚଳ ହୋଇଥିଲେ ମଧ୍ୟ ବିକାଶ ଶୂନ୍ୟ ହୋଇପଡିଛି । ତେବେ ସାହିବାସୀ ଏ ସମ୍ପର୍କରେ ବାରମ୍ବାର ଦୈତାରୀ ଓଏମସି କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଏଠାରେ ପହଂଚି ପାରିନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାହି ବାସିନ୍ଦାଙ୍କ ସମେତ ଅଂଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ବିକ୍ରି ହେବ ଅର୍ପଣ ଚାଉଳ: ଜିଲ୍ଲାପାଳ

**ପୁରୀ:** ବିକ୍ରି ହେବ ଅର୍ପଣ ଚାଉଳ । କ୍ୱିଣ୍ଟାଲ କି ଦୁଇ କ୍ୱିଣ୍ଟାଲ ନୁହେଁ ପ୍ରାୟ ୧୦ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ବିକ୍ରି କରାଯିବ । ଟେଣ୍ଡର ମାଧ୍ୟମରେ ଅର୍ପଣ ଚାଉଳକୁ କୌଣସି ବ୍ୟକ୍ତି ବିଶେଷ କି ମିଲର ନେଇପାରିବେ । ସ୍ପଟ୍ ଭିଜିଟ୍ କରି ମିଲର୍ କିମ୍ବା ବ୍ୟକ୍ତିବିଶେଷ ଚାଉଳ କିଣିପାରିବେ । ଏଥିରୁ ଯାହା ଟଙ୍କା ଆସିବ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବ । ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ।

ସେ କହିଛନ୍ତି, ମହାପ୍ରସାଦ ପ୍ରସ୍ତୁତ ଲାଗି ଯାହା ଯୋଗ୍ୟ ଥିଲା ତାର ବ୍ୟବହାର କରାଯାଇଛି । ବଳକା ଚାଉଳ ମହାପ୍ରସାଦ ପାଇଁ ଅନୁପଯୁକ୍ତ ବୋଲି ସ୍ପଷ୍ଟ କରିଥିଲା ସୁଆର ମହାସୁଆର ନିଯୋଗ । ଫଳରେ ବଳକା ଚାଉଳକୁ କ'ଣ କରାଯିବ ବୋଲି ସେ ନେଇ ଆଲୋଚନା କରାଯାଇ ଏକ ପ୍ରସ୍ତାବ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପଠା ଯାଇଥିଲା । ସରକାର ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର କରି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ସବୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ବଳକା ଚାଉଳକୁ ବିକ୍ରି ପ୍ରକ୍ରିୟା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜିଲ୍ଲାପାଳ କହିଛନ୍ତି ।

ଅନ୍ୟପକ୍ଷରେ ଅର୍ପଣ ଚାଉଳକୁ ରନ୍ଧନ



କରାଯାଇ ମହାପ୍ରସାଦ ବଣ୍ଟନ କରାଗଲେ ଭକ୍ତମାନେ ଉପକୃତ ହୋଇପାରିବେ ବୋଲି ସୁଆର ମହାସୁଆର ନିଯୋଗ ସଭାପତି କହିଛନ୍ତି ।

ଶ୍ରୀମନ୍ଦିର ପରିକ୍ରମାପ୍ରକଳ୍ପର ଉଦଘାଟନ ବେଳେ ରାଜ୍ୟର କୋଣ ଅନୁକୋଣରୁ ଅର୍ପଣ ଚାଉଳ ଆସିଥିଲା । ପ୍ରାୟ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସଂଗ୍ରହ କରାଯାଇଥିଲା । ଏତେ ପରିମାଣର ଚାଉଳକୁ କ'ଣ କରାଯିବ ସେ ନେଇ ପ୍ରଶାସନ ଚିନ୍ତାରେ ପଡିଥିଲା । କ୍ୱିଣ୍ଟାଲ କ୍ୱିଣ୍ଟାଲ ଅର୍ପଣ ଚାଉଳ ନଦୀରେ ଫିଙ୍ଗା ଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ଘଟଣାକୁ ଖଣ୍ଡନ କରିଥିଲା ।

ODIA DAILY EDITION
02.10.2024
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨ .୦୦
ଅକ୍ଟୋବର-୦୨, ୨୦୨୪
ବର୍ଷ-୩୬, ସଂଖ୍ୟା-୮୮
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication
SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ଇସ୍ରାଏଲ୍ ଉପରେ ଇରାନର ମିସାଇଲ୍ ବର୍ଷା

- ୪୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼
- ବୋମା ଶେଲଟରରେ ଦେଶବାସୀ
- ଗମ୍ଭୀର ହେଉଛି ପରିସ୍ଥିତି

**ନୂଆଦିଲ୍ଲୀ, ୧।୧୦:** ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ବିବାଦ ଶେଷରେ ଭୟଙ୍କର ରୂପ ନେଇଛି। ଆଜି ଇସ୍ରାଏଲ ଉପରେ ୪୦୦ରୁ ଅଧିକ ମସାଇଲ ଓ ରକେଟ ମାଡ଼ କରିଛି ଇରାନ। ପୂରା ଇସ୍ରାଏଲରେ ଆକ୍ରମଣ ଘଣ୍ଟି ବାଜିବା ସହ ସ୍ଥିତି ବେହାଲ ହୋଇଛି। ରକେଟ ଆଟାକ ପରେ ପୂରା ଇସ୍ରାଏଲର ଲୋକ ବୋମା ଶେଲଟରକୁ ଚାଲି ଯାଇଛନ୍ତି।

ଇସ୍ରାଏଲ ଆକାଶରେ ଇରାନରେ ମିସାଇଲ ଓ ରକେଟ ପ୍ରବେଶ କରିବା କ୍ଷଣି ଇସ୍ରାଏଲ ପକ୍ଷରୁ ଏୟାର ଡିଫେନ୍ସ ସିଷ୍ଟମକୁ ଆକ୍ଟିଭ କରାଯାଇଛି। ଲୋକମାନଙ୍କୁ ବୋମା ପ୍ରତିହିତ କରିପାରୁଥିବା ଆଶ୍ରୟ ସ୍ଥଳରେ ଲୁଚିବାକୁ କୁହାଯାଇଛି। ପୂରା ଦେଶରେ ଏପରି ସତର୍କ ସୂଚନା ଜାରି କରାଯାଇଛି। ସତର୍କ ସୂଚନା ପାଇବା ପରେ ଲୋକମାନେ ଜୀବନ ବିକଳରେ ବୋମା ଶେଲଟର ଭିତରେ ପଶି ଯାଇଛନ୍ତି। ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ କିଛି କ୍ଷଣ ପୂର୍ବରୁ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ମିସାଇଲ ଓ ରେକଟ ମାଡ଼ କରାଯାଇଛି। ଇସ୍ରାଏଲବାସୀଙ୍କୁ ଆଲର୍ଟରେ ରହିବାକୁ କୁହାଯାଉଛି।

ସମସ୍ତେ ହୋମ ଫ୍ରଣ୍ଟ କମାଣ୍ଡଙ୍କ ନିର୍ଦ୍ଦେଶକୁ ଅନୁପାଳନ କରନ୍ତୁ। କିଛି ସମୟ ପୂର୍ବରୁ ପୂରା ଦେଶର ଅନେକ ସ୍ଥାନରେ ହୋମ ଫ୍ରଣ୍ଟ କମାଣ୍ଡ ଜୀବନ ରକ୍ଷାକାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଇସ୍ରାଏଲବାସୀଙ୍କ ସୁରକ୍ଷା ପାଇଁ ଆଇଡିଏଫ ସବୁ କାମ କରୁଛି ଓ ଆଗକୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଇସ୍ରାଏଲର କହିବା କଥା ଯେ ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଲୋକ ବୋମା ଶେଲଟରରେ ଆଶ୍ରୟ ନେଇଛନ୍ତି। ପୂରା ଇସ୍ରାଏଲର ଭାଇ ଓ ଭଉଣୀଙ୍କ ସହ ଆମେ ରହିଛୁ। କାହାର ବି କିଛି ହେବ ନାହିଁ ଇସ୍ରାଏଲ ସରକାର ଟ୍ୱିଟ କରିଛନ୍ତି।



ଇରାନ ସମର୍ଥିତ ବିଦ୍ରୋହୀ ସଂଗଠନ ହେଜବୁଲ୍ଲା ବିରୋଧରେ ଆଜି ଇସ୍ରାଏଲ ସେନା ଲେବାନନରେ ଗ୍ରାଉଣ୍ଡ ଅପରେସନ ଆରମ୍ଭ କରିଛି। ଏହାକୁ ନେଇ ଇରାନ ଓ ଇସ୍ରାଏଲ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିଲା। ଏସବୁ ଭିତରେ ଆଜି ଇରାନ ପ୍ରଥମଥର ପାଇଁ ଇସ୍ରାଏଲ ଉପରେ ହମଲା କରିଛି। ଇରାନ ମିସାଇଲ ମାଡ଼ କରିବ ବୋଲି ପୂର୍ବରୁ ହିଁ ଆମେରିକା ସତର୍କ କରାଇ ଦେଇଥିଲା। ଏଥିସହ ଆକ୍ରମଣ କଲେ ଇରାନକୁ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦେଇଥିଲା।

## ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ୨ ଯୁବକ ମୃତ

**ପୁରୀ, ୧।୧୦:** ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ବୁଡି ମଙ୍ଗଳବାର ୨ ଯୁବକଙ୍କ ମୃତ୍ୟୁ ହୋଇଛି । ଗାଧୋଇବା ବେଳେ ବୁଡି ଯାଇ ୨ ଯୁବକଙ୍କ ମୃତ୍ୟୁ ହୋଇଛି । ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ମୃତକ ଦୁହେଁ ସଂପର୍କୀୟ ଭାଇ। ସେମାନେ ହେଲେ କୁକୁଡ଼ାହାଣ୍ଡିର ରାଜ କିଶୋର ଶତପଥୀ( ୨୩) ଏବଂ ଇଚ୍ଛାପୁରର ନଳିନୀକାନ୍ତ ତ୍ରିପାଠୀ । ଉଭୟ ପରିବାର ସହ ଶ୍ରାଦ୍ଧ ପାଇଁ ଆସିଥିବା ବେଳେ ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଇବା ସମୟରେ ଗୋଡ ଖସି ଯାଇଥିଲା । ଅଗ୍ନିଶମ ବାହିନୀ ପହଂଚିବା ପରେ ଉଦ୍ଧାର କରି ସେମାନଙ୍କୁ ପୁରୀ ବଡ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ହବିଷ୍ୟାଳିଙ୍କ ସକାଶେ ଅଢ଼େଇ କୋଟି ମଞ୍ଜୁର



**ଭୁବନେଶ୍ୱର/ପୁରୀ, ୧।୧୦:** କାର୍ତ୍ତିକ ମାସରେ ହବିଷ୍ୟାଳିମାନଙ୍କର ବ୍ରତ ପାଳନ ନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ଧନରାଶି ଅନୁମୋଦନ ହେବା ସହିତ ହବିଷ୍ୟାଳି ମା' ମାନଙ୍କୁ କାର୍ତ୍ତିକ ମାସ ବ୍ରତ ପାଳନ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

**୧୮ରୁ କାର୍ତ୍ତିକ ବ୍ରତ ଆରମ୍ଭ**

ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, କାର୍ତ୍ତିକ ମାସ ହେଉଛି ଧାର୍ମିକ ମାସ । କାର୍ତ୍ତିକ ମାସ ବ୍ରତ ପାଳନ ଦ୍ୱାରା ପୁଣ୍ୟ ଅର୍ଜିତ ହୁଏ ବୋଲି ଆମ ଓଡ଼ିଆ ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରହିଛି । କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଅନେକ ହବିଷ୍ୟାଳି ମା' ମାନେ ଏକାଠି ହୋଇଥା'ନ୍ତି । ହବିଷ୍ୟାଳି ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ଚଳିତ ବର୍ଷ ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ହବିଷ୍ୟାଳି ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀରେ ବିଭିନ୍ନ ହବିଷ୍ୟାଳି କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପମାନ ନିଆଯିବାର ଯୋଜନା ରହିଛି । ଏଥିସହ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳି ମା'ମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଚଳିତବର୍ଷ ଅକ୍ଟୋବର ମାସ ୧୮ ତାରିଖରୁ କାର୍ତ୍ତିକ ମାସ ବ୍ରତ ଆରମ୍ଭ ହେବ। ଏହି ସମୟରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ସରକାରଙ୍କ ତରଫରୁ ବିଶେଷ ଭାବରେ ହବିଷ୍ୟାଳି ମା'ମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଗାଡ଼ି ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଆଦିକୁ ଅଗ୍ରାଧିକାର ଭିତ୍ତିରେ ସୁନିଶ୍ଚିତ କରାଯିବ ବୋଲି ସୂଚନା ମିଳିଛି ।

**ରାଜଧାନୀରେ ଲଜ୍ଜା**

# ଚୋରି କରିବାକୁ ଘରେ ପଶି ମହିଳାଙ୍କ ଇଜ୍ଜତ ଲୁଟିଲେ


**ଭୁବନେଶ୍ୱର, ୧।୧୦:** ରାଜଧାନୀ ଭୁବନେଶ୍ୱରରେ ଲଜ୍ଜା। ଲୁଟ୍ କରିବାକୁ ଆସି ମହିଳାଙ୍କ ଇଜ୍ଜତ ଲୁଟିଲେ ଦୁଇ ଲୁଟେରା। ମୈତ୍ରୀ ବିହାର ଥାନା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଘଟିଛି ଏହି ଘଟଣା। ମହିଳା ଜଣଙ୍କ ଘଟଣା ସଂପର୍କରେ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗତ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ରାତି ପ୍ରାୟ ସାଢ଼େ ଗୋଟାଏରୁ ୨ଟା ଭିତରେ ଏହି ଘଟଣା ଘଟିଛି। ଦୁଇ ଜଣ ଲୁଟେରା ଲୁଟ୍ କରିବାକୁ ଏହି ମହିଳାଙ୍କ ଘରେ ପଶିଥିଲେ। ସେତେବେଳେ ମହିଳା ଜଣଙ୍କ ତାଙ୍କର ୨ ବର୍ଷର ଝିଅ ସହିତ ଶୋଇଥିଲେ। ଘରେ ଆଉ କେହି ନଥିଲେ। ଏହାର ସୁଯୋଗ ନେଇ ଲୁଟେରା ଦ୍ୱୟ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ।

ଲୁଟେରାମାନେ ପ୍ରଥମେ ଉକ୍ତ ମହିଳାଙ୍କ ସୁନା ଚେନ୍ ଓ ମୋବାଇଲ ଇତ୍ୟାଦି ନେଇଯାଇଥିଲେ। ପରେ ଯେତେବେଳେ ଜାଣିଲେ ଯେ ମହିଳା ଜଣଙ୍କ ଘରେ କେବଳ ତାଙ୍କ ଛୋଟ ଝିଅ ସହିତ ଅଛନ୍ତି, ତା'ପରେ ସେମାନେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏମିତିକି ତାଙ୍କ ଝିଅ ବେକରେ ଛୁରୀ ରଖି ହତ୍ୟା ଧମକ ଦେଇଥିଲେ ଲୁଟେରା ଦ୍ୱୟ। ଯାହା ଜଣାପଡ଼ିଛି, ଲୁଟେରା ଦ୍ୱୟ ବାଉଁଶ ପକାଇ ବାଲକୋନୀ ଦେଇ ଘର ଭିତରେ ପଶିଥିଲେ।

ମହିଳା ଜଣଙ୍କ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ମାତ୍ର ୧୦ ଦିନ ହେଲା ଏହି ଆପାର୍ଟମେଣ୍ଟରେ ଏକ ଫ୍ଲାଟ ଭଡ଼ା ନେଇ ରହୁଛନ୍ତି। ତେବେ ରାଜଧାନୀ ଭୁବନେଶ୍ୱରରେ ଏକ ଆପାର୍ଟମେଣ୍ଟରେ ଏମିତି ଏକ ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି।

ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ସୋମବାର ସକାଳେ ମହିଳା ଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଏଯାବତ ଦୁଇ ଅଭିଯୁକ୍ତଙ୍କ ସଂପର୍କରେ କିଛି ଜଣାପଡ଼ିନାହିଁ। ପୁଲିସ୍ ଘଟଣାସ୍ଥଳ ଯାଇ ତଦନ୍ତ କରିବା ସହିତ ପାଖ ପଡ଼ୋଶୀଙ୍କୁ ପଚରାଉଚରା କରିଛି। ଉକ୍ତ ଆପାର୍ଟମେଣ୍ଟରେ ସିସିଟିଭି ନଥିବା ବେଳେ ପାଖରେ ଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଛି। ସ୍ୱେଶାଲ ସ୍କ୍ୱାଡ୍ ମଧ୍ୟ ଅଭିଯୁକ୍ତ ଦ୍ୱୟଙ୍କୁ ଧରିବା ପାଇଁ ତା'ର ଚଢ଼ାଉ ଜାରି ରଖିଛି ।



CBC 22201/13/0026/2425
MBA/24-25/0262

# ମାତୃଭାଷା

କଟକ, ବୁଧବାର, ଅକ୍ଟୋବର-୨, ୨୦୨୪ ପୃଷ୍ଠା: ୪


## ବିଶ୍ୱଯୁଦ୍ଧ ଆଶଙ୍କା ଘନୀଭୂତ - ମୋଦିଙ୍କ ହସ୍ତକ୍ଷେପ

ହିଜବୁଲ୍ଲାକୁ ନିପାତ କରିବା ଲାଗି ଲେବାନନରେ ପଶି ଇସ୍ରାଏଲ ଏହାର ଆକ୍ରମଣକୁ ଆହୁରି ଜୋରଦାର କରିଛି। ଇସ୍ରାଏଲ ସ୍ଥଳ ସେନା ଲେବାନନରେ ପଶି ଏଥିପାଇଁ ସତନ୍ତ୍ର ଅପରେସନ୍ ଆରମ୍ଭ କରିଛି। ଇସ୍ରାଏଲ-ଲେବାନନ୍ ସୀମା ନିକଟସ୍ଥ ଲେବାନନ୍ ପରିସରରେ ଇସ୍ରାଏଲ ସେନା ପକ୍ଷରୁ ସ୍ୱତନ୍ତ୍ର ଅପରେସନ୍ ଆରମ୍ଭ ହୋଇଛି ବୋଲି ଆମେରିକୀୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଇସ୍ରାଏଲକୁ ପ୍ରତିରୋଧ କରିବା ଲାଗି ଇରାନ ସମ୍ମୁଖ ଯୁଦ୍ଧକୁ ଡେଇଁବା ଲାଗି ପ୍ରସ୍ତୁତ ହେଉଥିବାରୁ ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କା ଘନୀଭୂତ ହୋଇଛି।

ସୂଚନାଯୋଗ୍ୟ ଯେ ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରି ୧୨୦୦ରୁ ଅଧିକ ଇସ୍ରାଏଲକୁ ଅତି ନିର୍ମମ ଭାବରେ ହତ୍ୟା କରିବା ସହିତ ୨୫୦ ଲୋକଙ୍କୁ ବନ୍ଧକ ମଧ୍ୟ କରିଥିଲା। ହମାସର ଏହି ନିଷ୍ଠୁର କାର୍ଯ୍ୟ ପରେ ଇସ୍ରାଏଲ ହମାସକୁ ଧ୍ୱଂସ କରିବାକୁ ଶପଥ ନେଇଛି। ଏହା ପରେ ପାଲେଷ୍ଟାଇନର ଗାଜାରେ ଏୟାର ଷ୍ଟ୍ରାଇକ୍ ଏବଂ ସ୍ଥଳଭାଗରେ ଆକ୍ରମଣ କରି ଇସ୍ରାଏଲ ହମାସର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା।

ଏହାପୂର୍ବରୁ, ଇସ୍ରାଏଲର ଟାର୍ଗେଟ କେବଳ ହମାସ ଥିଲା। ତା'ପରେ ହିଜବୁଲ୍ଲା ମଧ୍ୟ ଲେବାନନ ମାଟିରୁ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଥିଲା। ହିଜବୁଲ୍ଲା ଶହ ଶହ ରକେଟ ଏବଂ କ୍ଷେପଣାସ୍ତ୍ର ସହିତ ଇସ୍ରାଏଲକୁ ଟାର୍ଗେଟ କରିଥିଲା।

ଇସ୍ରାଏଲ ହମାସକୁ ଛାଡି ହିଜବୁଲ୍ଲା ଶିବିର ଉପରେ ଆକ୍ରମଣ କରିଥିଲା। କିଛି ଦିନ ମଧ୍ୟରେ ଇସ୍ରାଏଲ ହିଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାଙ୍କ ସମେତ ଅନେକ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରିଛି। ଇସ୍ରାଏଲ ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ହମାସ ଏବଂ ହିଜବୁଲ୍ଲାର ସମସ୍ତ ପ୍ରମୁଖ କମାଣ୍ଡରଙ୍କୁ ହତ୍ୟା କରିଛି। ଏବେ ଇସ୍ରାଏଲର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ହୁତି ବିଦ୍ରୋହୀ।

ୟେମେନର ହୋଦିଦା ବନ୍ଦରରେ ହୋଇଥିବା ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକରେ ଇସ୍ରାଏଲ ଶହ ଶହ ହୁତି ବିଦ୍ରୋହୀଙ୍କୁ ହତ୍ୟା କରିଛି। ହୁତି ବିଦ୍ରୋହୀମାନେ ପୂର୍ବରୁ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ଇରାନ ହମାସ ଏବଂ ହିଜବୁଲ୍ଲା ସହିତ ହୁତି ବିଦ୍ରୋହୀଙ୍କୁ ମଧ୍ୟ ସମର୍ଥନ କରୁଛି। ଇସ୍ରାଏଲ ହୋଦିଦା ବନ୍ଦରକୁ ଟାର୍ଗେଟ କରିଥିଲା କାରଣ ହୁତି ବିଦ୍ରୋହୀମାନେ ଏହି ବନ୍ଦରକୁ ଇରାନରୁ ଅସ୍ତ୍ରଶସ୍ତ୍ର ଆଣିବା ପାଇଁ ବ୍ୟବହାର କରିଥାନ୍ତି ଏବଂ ଏହି ବନ୍ଦର ଗତ କିଛି ବର୍ଷ ଧରି ହୁତି ବିଦ୍ରୋହୀଙ୍କ ଅଧୀନରେ ରହିଛି।

ଯଦିଓ ଇରାନ ଇସ୍ରାଏଲ ବିରୋଧରେ ସିଧାସଳଖ ଯୁଦ୍ଧକୁ ଏଡ଼େଇ ଦେଉଥିଲା, ତଥାପି ଇସ୍ରାଏଲର ଶତ୍ରୁମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତା ଯୋଗାଉଥିଲା। ଗତ ବର୍ଷ ହମାସ ଦ୍ୱାରା ହୋଇଥିବା ଆକ୍ରମଣ ପୂର୍ବରୁ ମଧ୍ୟ ଇସ୍ରାଏଲ ସାମୟିକ ଭାବେ ଯୁଦ୍ଧ କରୁଥିଲା, କିନ୍ତୁ ବର୍ତ୍ତମାନ ଇସ୍ରାଏଲ ଏହାର ପୁରୁଣା ଶତ୍ରୁମାନଙ୍କୁ ମୂଳରୁ ହଟାଇବା ପାଇଁ ରଣନୀତି ଅନୁସରଣ କରୁଛି । ହମାସ ଏବଂ ହିଜବୁଲ୍ଲାର ସମସ୍ତ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରି ଇସ୍ରାଏଲ ନିଜ ବିରୁଦ୍ଧରେ କୌଣସି ଆକ୍ରମଣକୁ ବରଦାସ୍ତ କରିବ ନାହିଁ ବୋଲି କହିଛି।

କିଛି ଦିନ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ଜାତିସଂଘରେ କାହାର ନାମ ନ ନେଇ ଇରାନକୁ ଚେତାବନୀ ଦେଇଥିଲେ ଏବଂ କହିଥିଲେ ଯେ ଯେଉଁମାନେ ଇସ୍ରାଏଲକୁ ଟାର୍ଗେଟ କରୁଛନ୍ତି, ସେମାନଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ନେତାନ୍ୟାହୁ ଏହା ମଧ୍ୟ କହିଥିଲେ ଯେ ଇସ୍ରାଏଲର ସେନାଙ୍କ ପହଞ୍ଚିବାର କ୍ଷମତା ବାହାରେ କୌଣସି ସ୍ଥାନ ନାହିଁ।

ଇସ୍ରାଏଲର ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ଇରାନ ମଧ୍ୟ ବ୍ୟାକ୍ଫୁଟରେ ଥିବା ଜଣାପଡିଛି। ହିଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାଙ୍କ ମୃତ୍ୟୁ ପରେ ଇରାନ ମଧ୍ୟ ଇସ୍ରାଏଲର ଆକ୍ରମଣକୁ ଭୟ କରିବା ଆରମ୍ଭ କରିଛି। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଇରାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ବୈଠକ ଡାକିଛି। ଇରାନ ସମ୍ଭାବ୍ୟ ବିପଦକୁ ଅନୁଭବ କରିଛି ଏବଂ ନିଜକୁ ରକ୍ଷା କରିବାର ଉପାୟ ଖୋଜୁଛି।

ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ହଜାର ଦିନରୁ ଅଧିକ ସମୟ ବିତିଗଲାଣି। ଏହି ସଂଗ୍ରାମରେ ଗୋଟିଏ ପଟେ ରୁଷିଆ ଚୀନ୍ ସହିତ ଛିଡା ହୋଇଥିବାବେଳେ ୟୁକ୍ରେନକୁ ଆମେରିକା ଏବଂ ନାଟୋର ସମର୍ଥନ ମିଳୁଛି। ଏହି ଯୁଦ୍ଧ ଯୋଗୁ ତୃତୀୟ ବିଶ୍ୱଯୁଦ୍ଧର ବିପଦ ରହିଛି। ଯଦିଓ ଭାରତ ସମେତ କେତେକ ଦେଶ ଏହି ଯୁଦ୍ଧକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ତଥାପି ଯୁଦ୍ଧ ସମାପ୍ତ ହେବାର କୌଣସି ସମ୍ଭାବନା ନାହିଁ। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ ହୁଏ ତେବେ ଏହା ନିଶ୍ଚିତ ଯେ ୟୁରୋପ ଯୁଦ୍ଧକ୍ଷେତ୍ରରେ ପରିଣତ ହେବ। ୟୁରୋପ ଆଡକୁ ଯୁଦ୍ଧର ପ୍ରଭାବ ମଧ୍ୟ ମୁହାଁଉଥିବା କୁହାଯାଉଛି।

ଇସ୍ରାଏଲ୍ ଯେପରି ଗୋଟିଏ ପରେ ଗୋଟିଏ ଆକ୍ରମଣ କରୁଛି, ଏହା କେବେ ବଡ଼ ଯୁଦ୍ଧରେ ପରିଣତ ହେବ ତାହା କେହି ଜାଣି ନାହାନ୍ତି। କାରଣ ଇରାନ ବ୍ୟତୀତ ମଧ୍ୟ ପୂର୍ବର ଅନ୍ୟାନ୍ୟ ଦେଶ ମଧ୍ୟ ଇସ୍ରାଏଲକୁ ସେମାନଙ୍କର ଶତ୍ରୁ ଭାବରେ ବିବେଚନା କରନ୍ତି ଏବଂ ସେମାନେ ମଧ୍ୟ ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରିଛନ୍ତି। ଫଳରେ ତୃତୀୟ ବିଶ୍ୱଯୁଦ୍ଧର ବିପଦର ଘନ ଛାୟା ୟୁରୋପୀୟ ଦେଶମାନଙ୍କ ଉପରେ ମାଡ଼ି ଆସୁଥିବା କୁହାଯାଉଛି।

ଦୀର୍ଘ ଦିନ ଧରି ଚୀନ୍ ବିରୋଧରେ ସମ୍ଭାବ୍ୟ ଯୁଦ୍ଧ ପାଇଁ ତାଇୱାନ ପ୍ରସ୍ତୁତି ଚଳାଇଛି। ଆମେରିକା ତାଇୱାନ ସହିତ ଦୃଢ଼ ଭାବରେ ଛିଡା ହୋଇଛି ଏବଂ ଏହାକୁ ସାହାଯ୍ୟ କରିବାକୁ ୫୬୭ ନିୟୁତ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତି ଅନୁମୋଦନ କରିଛି। କେବଳ ଏତିକି ନୁହେଁ, ତାଇୱାନ ମଧ୍ୟ ଆମେରିକାଠାରୁ ଲ୍ୟାଣ୍ଡ ଲଞ୍ଚ ହେଉଥିବା ହରପନ୍ ଆଣ୍ଟି-ଜାହାଜ କ୍ଷେପଣାସ୍ତ୍ରର ପ୍ରଥମ ବ୍ୟାଚ୍ ଗ୍ରହଣ କରିଛି।

ଚୀନର ଏୟାର ଷ୍ଟ୍ରାଇକ୍ରୁ ନିଜକୁ ରକ୍ଷା କରିବାରେ ଏହି କ୍ଷେପଣାସ୍ତ୍ର ତାଇୱାନ ପାଇଁ ଉପଯୋଗୀ ହେବ। ଅନ୍ୟପକ୍ଷରେ, ଜାପାନର ଯୁଦ୍ଧ ଜାହାଜ କିଛି ଦିନ ପୂର୍ବରୁ ତାଇୱାନ ଷ୍ଟ୍ରାଇଟ୍ ଦେଇ ଯାଇଥିଲା। ତାଇୱାନ ଏବଂ ଚୀନ୍ ମଧ୍ୟରେ ଏହି ବିବାଦ ରହିଛି। ଚୀନ୍ ତାଇୱାନକୁ ନିଜ ଅଞ୍ଚଳ ବୋଲି ଦାବି କରିଆସୁଛି।

ଏବେ ବିଶ୍ୱର ଅନେକ ଦେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଯୁଦ୍ଧର ଦୁଇଟି ଦିଗରେ ଜଡିତ ଅଛନ୍ତି ଏବଂ ଯଦି ତୃତୀୟ ଫ୍ରଣ୍ଟ ମଧ୍ୟ ଖୋଲିବ, ତେବେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ମଧ୍ୟ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏଭଳି ସଙ୍କଟରେ ସମଗ୍ର ବିଶ୍ୱ ବାରୁଦ ଗଦାରେ ବସିଥିବାବେଳେ କେତେବେଳେ ଯେ ତୃତୀୟ ବିଶ୍ୱଯୁଦ୍ଧର ବିଗୁଲ ବାଜିବ ତାହା କାହାକୁ ଜଣାନାହିଁ ବୋଲି ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚା ହେଉଛି।

ତେବେ ଯୁଦ୍ଧର ବିଭୀଷିକାକୁ ଶାନ୍ତ କରିବାପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଏ ସଂପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ମୋଦୀ କହିଛନ୍ତି, ଶାନ୍ତି ପାଇଁ ଭାରତ ପ୍ରତିବଦ୍ଧ ରହିଛି। ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ। ନେତାନ୍ୟାହୁଙ୍କ ସହ ଆଲୋଚନା ସମୟରେ ପଶ୍ଚିମ ଏସିଆରେ ଘଟୁଥିବା ସ୍ଥିତି ସଂପର୍କରେ ମୋଦୀ ଚର୍ଚ୍ଚା କରିଥିବା କହିଛନ୍ତି। ଯୁଦ୍ଧକୁ ବନ୍ଦ କରିବା ଏବଂ ବନ୍ଧକ ଥିବା ସମସ୍ତଙ୍କୁ ସୁରକ୍ଷିତ ଭାବେ ମୁକୁଳାଇବାକୁ ନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୀଘ୍ର ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସମସ୍ତ ଉଦ୍ୟମକୁ ସମର୍ଥନ କରୁଛି ଏବଂ ଏଥିପାଇଁ ଅଙ୍ଗୀକାରବଦ୍ଧ ବୋଲି ମୋଦୀ କହିଛନ୍ତି।

## ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମାଗାନ୍ଧି

ଅକ୍ଷୟ କୁମାର ରାଉତ


ପୁଣ୍ୟ ଭୂମି ଭାରତ। ଏଠାରେ ଅନେକ ଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍ଲୀବାଇ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ। କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେଓ୍ୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢ଼ା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତ୍ତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତ୍ତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧୀ କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତ୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ ରାମ ନାମ ଜପ କରିବାକୁ ଭଲ ପାଉଥିଲେ। ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତ୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱା ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତ୍ତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧୀ ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ, ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ, ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ୍ୟ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଆସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା' ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ। ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡ଼ୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆକୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ, ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତ୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ।



ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧ ହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତ୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୁଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧୀ, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତ୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିକନ୍ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା' ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ। ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧୀ ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦ୍‌ସରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କୃଷକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ, ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତ୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ, ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା।

ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ।

ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟିଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ।

୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତ୍ତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲେରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି "ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ"। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣା କଟା ଚାଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର। କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତା ରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଢଳିପଡ଼ିଲେ। ଚାରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତ୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦୀନ ପାଇଁ ଧରା ପୃଷ୍ଠରେ ଅମର ହୋଇରହିଗଲେ।

## ମହାଳୟା ଓ ଶ୍ରାଦ୍ଧ

ଡ଼ଃ.ଅରୁନ୍ଧତୀ ଦେବୀ

ଆଶ୍ୱିନ୍ ମାସର ଅମାବାସ୍ୟା ହେଉଛି ମହାଳୟା ଅମାବାସ୍ୟା । ଏହି ସମୟରେ ସୂର୍ଯ୍ୟ କନ୍ୟା ରାଶିରେ ଅବସ୍ଥାନ କରିଥାନ୍ତି । ମହାଳୟା ଅମାବାସ୍ୟାସେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହାଳୟା ଶ୍ରାଦ୍ଧ କରାଯାଏ । ହିନ୍ଦୁ ସମାଜରେ ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧି ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟା ଶ୍ରାଦ୍ଧର ଆଦର ଅଧିକ । ଆଶ୍ୱିନ ମାସର କୃଷ୍ଣ ପ୍ରତିପଦ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ କହନ୍ତି ପିତୃପକ୍ଷ । ଏହି ପିତୃପକ୍ଷରେ ତୀର୍ଥକ୍ଷେତ୍ର, ପୁଣ୍ୟତୋୟା ନଦୀ କିନ୍ତୁ ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଏ । ଦିବଂଗତ ଗୁରୁ, ସମ୍ପର୍କୀୟ, ପରିଚିତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହି ତର୍ପଣ କରାଯାଏ । ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ଏହି ପନ୍ଦର ଦିନ ପିତୃପର୍ବ ପାଇଁ ଉଦ୍ଦିଷ୍ଟ । ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ପୂଜା ଅର୍ଚ୍ଚନା କରାଯାଏ ତାହା ହେଉଛି ଦେବ ପର୍ବ । ଶ୍ରାଦ୍ଧ ହିଁ ପିତୃପର୍ବ । ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ପ୍ରଦାନ କରାଯାଏ ତାହା ଶ୍ରାଦ୍ଧ । ଭୂଲୋକରେ ଆତ୍ମୀୟ ବା ସମ୍ପର୍କୀୟଙ୍କ ପ୍ରଦତ୍ତ ଭୋଜ୍ୟ ପିତୃଲୋକରେ ପିତୃଗଣଙ୍କ ଗ୍ରହଣୀୟ ଦ୍ରବ୍ୟରେ ପରିବର୍ତ୍ତିତ ହୋଇଯାଏ ବୋଲି ବିଶ୍ୱାସ ରହିଛି । ମହାଳୟା ଶ୍ରାଦ୍ଧରେ ସ୍ୱୟଂ ବିଷ୍ଣୁ ବୈଶ୍ୱଦେବ ରୂପେ ଶ୍ରାଦ୍ଧସ୍ଥଳରେ ଉପସ୍ଥିତ ରହନ୍ତି । ମହାଳୟା ଦିନ ଗୟାକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃଲୋକ ପରିତୃପ୍ତ ହୁଅନ୍ତି । ତେବେ ଭୁବନେଶ୍ୱର ଓ ବିରଜା କ୍ଷେତ୍ର ଯାଜପୁରରେ ମଧ୍ୟ ମହାଳୟା ଶ୍ରାଦ୍ଧ ଦାନ ପୁଣ୍ୟଦାୟକ ।

ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଏହା ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ



ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚ କୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚ କୋଶ ସ୍ଥାନକୁ କୁହାଗଲା ଗୟା । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା - ବାପା- ମା, ଜେଜେବାପା - ଜେଜେମା, ଅଜା-ଆଇଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧିଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ - ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ - ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ ।

ଦେବୀ ଆରାଧନା ଦୃଷ୍ଟିରୁ ମହାଳୟା ଏକ ପବିତ୍ର ଦିବସ । ଦେବୀଙ୍କର ଷୋଳପୂଜାର ମଧ୍ୟ ଭାଗରେ ମହାଳୟା ପଡୁଥିବାରୁ ଏହା ଦେବୀଙ୍କର ପ୍ରିୟତମ ଦିବସ । ତେଣୁ ମହାଳୟା ଅମାବାସ୍ୟାର ଦିନଟି ପିଣ୍ଡଦାନ ଲାଗି ଉତ୍କୃଷ୍ଟ ଏବଂ ରାତ୍ରିଟି ସାଧନାରେ ସିଦ୍ଧି ଲାଭ ପାଇଁ ଅତ୍ୟନ୍ତ ଶୁଭ । ଦେବୀଙ୍କର ପ୍ରଥମ ଅଷ୍ଟକଳାର ଶେଷ ଦିନ ହୋଇଥିବାରୁ ସାଧକମାନେ ବିଶେଷ ସିଦ୍ଧିଲାଭ ପାଇଁ ମହାଳୟାର ମହାନିଶାରେ ସାଧନାରତ ରହନ୍ତି । ଓଡ଼ିଆ ଆଧାତ୍ମିକମ ଚେତନା ଓ ହିନ୍ଦୁ ବିଧାନ ଅନୁଯାୟୀ ମହାଳୟା ଏକ ସ୍ୱତନ୍ତ୍ର ଓ ସ୍ମରଣୀୟ ଦିବସ।

ମାତୃଭାଷା



# ହ୍ୟାଲୋ ବଲିଉଡ୍



## ଗୋବିନ୍ଦାଙ୍କ ଦେହରେ ବାଜିଲା ଗୁଳି, ହସ୍ପିଟାଲରେ ଭର୍ତ୍ତି

ବଲିଉଡର ବର୍ଷିଆନ୍ ଅଭିନେତା ଗୋବିନ୍ଦା ଆହତ। ତାଙ୍କ ଦେହରେ ବାଜିଛି ଗୁଳି। ତାଙ୍କୁ ଗୁରୁତର ଅବସ୍ଥାରେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୁଲବଶତଃ ତାଙ୍କ ଗୋଡରେ ଗୁଳି ବାଜିଛି। ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଭୁଲବଶତଃ ଗୁଳି ଫୁଟିଥିବା ସୂଚନା ମିଳିଛି। ସେ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଆଜି ଭୋର ପ୍ରାୟ ୪ଟା ୪୫ ଗୋବିନ୍ଦା କୋଲକାତା ଯିବା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ସେ ନିଜ ଲାଇସେନ୍ସ ପ୍ରାପ୍ତ ବନ୍ଧୁକକୁ ଆଲମାରୀରେ ରଖୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ମିସ୍ ଫାୟାରିଂ ହୋଇ ତାଙ୍କ ଗୋଡ଼ରେ ଗୁଳି ବାଜିଛି। ଏହା ପରେ ତୁରନ୍ତ ତାଙ୍କୁ ମୁମ୍ବାଇର ଅନ୍ଧେରି ସ୍ଥିତ କ୍ରିଟି କେୟାର ହସ୍ପିଟାଲକୁ ନିଆଯାଇଛି। ସେଠାରେ ତାଙ୍କ ଗୋଡ଼ରୁ ଗୁଳି ବାହାର କରାଯାଇଥିବା ବେଳେ ସେ ଏବେ ବିପଦ ମୁକ୍ତ ଅଛନ୍ତି। ତେବେ ସେ ହୋସ୍‌ରେ ନାହାନ୍ତି। ଜଣେ ପୋଲିସ ଅଧିକାରୀ କହିଛନ୍ତି, ଅଭିନେତା ଏନେଇ କୌଣସି ଅଭିଯୋଗ ଦାଖଲ କରିନାହାଁନ୍ତି। ପୂରା ଘଟଣାର ତଦନ୍ତ ଜାରି ରହିଛି। ସେପଟେ ଗୋବିନ୍ଦାଙ୍କୁ ଗୁଳି ବାଜିଥିବା ଖବର ସାମ୍ନାକୁ ଆସିବା ପରେ ତାଙ୍କ ଫ୍ୟାନ୍‌ମାନେ ଚିନ୍ତିତ ହୋଇପଡିଛନ୍ତି। ଖୁବ୍‌ଶୀଘ୍ର ସେ ସୁସ୍ଥ ହେବା ନେଇ ସେମାନେ ପ୍ରାର୍ଥନା କରୁଛନ୍ତି।

### ଆନ୍ଧ୍ର ସରକାରଙ୍କ ନିଷ୍ପତ୍ତି

# ସୁପ୍ରିମକୋର୍ଟରେ ଶୁଣାଣି ପର୍ଯ୍ୟନ୍ତ ଲଡୁ ବିବାଦର ଏସଆଇଟି ତଦନ୍ତ ସ୍ଥଗିତ

**ଲଡୁ ପ୍ରସ୍ତୁତ ପ୍ରଣାଳୀ ଉପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆଣିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନବାଚୀ ସୃଷ୍ଟି କରିବାର ଦିନକ ପରେ ସରକାର ଏସଆଇଟି ତଦନ୍ତକୁ ସ୍ଥଗିତ ରଖିଛନ୍ତି।**



**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶ ତିରୁପତି ବାଲାଜୀ ମନ୍ଦିରର ଲଡୁ ବିବାଦକୁ ନେଇ ଚାଲିଥିବା ଏସଆଇଟି ତଦନ୍ତ ସ୍ଥଗିତ ରଖାଯାଇଛି। ଏହି ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏସଆଇଟି ତଦନ୍ତ ହୋଇପାରିବ ନାହିଁ। ଆଜି ଆନ୍ଧ୍ରପ୍ରଦେଶ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ଲଡୁ ପ୍ରସ୍ତୁତ ପ୍ରଣାଳୀ ଉପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆଣିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନବାଚୀ ସୃଷ୍ଟି କରିବାର ଦିନକ ପରେ ସରକାର ଏସଆଇଟି ତଦନ୍ତକୁ ସ୍ଥଗିତ ରଖିଛନ୍ତି। ଆସନ୍ତା ୩ରେ ସୁପ୍ରିମକୋର୍ଟ ତିରୁପତି ଲଡୁ ବିବାଦର ପରବର୍ତ୍ତୀ ଶୁଣାଣି କରିବେ।

ସେପ୍ଟେମ୍ବର ୩୦ରେ ଏ ଉପରେ ଶୁଣାଣି କରି ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ସାମ୍ବାଦିକ ସମ୍ମିଳନୀ ଉପରେ ପ୍ରଶ୍ନ ଉଠାଇଥିଲେ ସର୍ବୋଚ୍ଚ ଅଦାଲତ। ତଦନ୍ତ ଶେଷ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀ କରିବାର କଣ ଆବଶ୍ୟକ ଥିଲା ବୋଲି ସୁପ୍ରିମକୋର୍ଟ କହିଥିଲେ। ଏଥିସହ ଭଗବାନଙ୍କୁ ରାଜନୀତିଠୁ ଦୂରେଇ ରଖିବାକୁ ଅପିଲ୍ କରିଥିଲେ।

ପ୍ରକାଶ ଥାଉକି, ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବ ନାଇଡୁ ତିରୁପତି ମନ୍ଦିର ଲଡୁକୁ ନେଇ ବଡ଼ ଧରଣର ଅଭିଯୋଗ ଆଣିଥିଲେ। ମନ୍ଦିର ଲଡୁ ପ୍ରସ୍ତୁତ ହେଉଥିବା ଘିଅରେ ପଶୁ ଚର୍ବି ଅପମିଶ୍ରିତ ହେଉଥିବା ସେ ଅଭିଯୋଗ କରିଥିଲେ। ପୂର୍ବରୁ ଜଗନ ମୋହନ ରେଡ୍ଡୀଙ୍କ ସରକାର ସମୟରୁ ଏପରି ହୋଇ ଆସୁଥିବା ସେ ଅଭିଯୋଗ କରିଥିଲେ। ଏହାପରେ ଗୁଜରାଟର ଏକ ଘରୋଇ ଲାବରେ ପରୀକ୍ଷଣ କରାଯାଇ ଘିଅରେ ମାଛ ତେଲ, ଘୁଷୁରି ଓ ଗୋରୁ-ଚର୍ବି ମିଶ୍ରିତ ହେଉଥିବା କୁହାଯାଇଥିଲା। ସାଶାଲ ଇନଭେଷ୍ଟିଗେସନ ଟିମ୍‌କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସରକାର ତଦନ୍ତକୁ ସ୍ଥଗିତ ରଖିଛନ୍ତି।

## ଦେବାଳୟ ଓ କୋଶଳ କଳାମଣ୍ଡଳ ସୁରକ୍ଷା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବଲାଙ୍ଗିର:** ବଲାଙ୍ଗିରରେ ଐତିହାସିକ ମନ୍ଦିର ଏବଂ ବିଶେଷ କରି କଳା ସଂସ୍କୃତିର ଐତିହ୍ୟ ପୀଠ କୋଶଳ କଳାମଣ୍ଡଳ ଅବସ୍ଥିତ। ମାତ୍ର ପରିତାପର ବିଷୟ ଯେ ପ୍ରାୟତଃ ମନ୍ଦିର ଏବଂ କୋଶଳ କଳା ମଣ୍ଡଳ ଅବହେଳିତ ଅବସ୍ଥାରେ ରହିଛି। ଅନେକ ସମୟରେ ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ଫଳପ୍ରସୁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିରେ ଆହତ ହୋଇ ବଲାଙ୍ଗିର ଦେବାଳୟ ସୁରକ୍ଷା କମିଟି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ତାଙ୍କର ସର୍କିଟ ହାଉସ ରେ ଅବସ୍ଥାନ ସମୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି। ରାଣୀପୁର ଝରିଏଲ, ହରିଶଙ୍କର ମନ୍ଦିର, ବଲାଙ୍ଗିର ସହର ସ୍ଥିତ ପାଟଣେଶ୍ୱରୀ ମନ୍ଦିର, ସମଲେଇଶ୍ୱରୀ ମନ୍ଦିର, ଲୋକନାଥ ମନ୍ଦିର, ଗୋପାଳଜୀ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରଭୃତିର ଉନ୍ନତିକରଣ ପାଇଁ ପୂର୍ବରୁ ଓଡିଶା ସରକାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। କୋଶଳ କଳାମଣ୍ଡଳର ଉନ୍ନତିକରଣ ପାଇଁ ମଧ୍ୟ ପୂର୍ବରୁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି ମାତ୍ର ସେସବୁ ଅର୍ଥ ବିନିଯୋଗ ନ ହୋଇ ପଡିରହିଛି। ଉକ୍ତ ଅନୁଦାନ ଅର୍ଥକୁ ବିନିଯୋଗ କରି ମନ୍ଦିର ସମୂହ ତଥା କୋଶଳ କଳା ମଣ୍ଡଳର ଉନ୍ନତିକରଣ କରାଯାଉ ବୋଲି ଦେବାଳୟ ସୁରକ୍ଷା କମିଟି ଉପମୁଖ୍ୟମନ୍ତ୍ରୀଙ୍କ ଠାରେ ଦୃଢ଼ ଦାବୀ କରିଛି।

## ୪ ପାଣି ପମ୍ପ ଚୋର ଗିରଫ : ୭ ପାଣିପାମ୍ପ ଓ କେବୁଲ ଉଦ୍ଧାର

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ପାଣି ପମ୍ପ ଚୋରୀ ଘଟଣାରେ କେସିଙ୍ଗା ପୋଲିସ ଏହି ପାଣିପମ୍ପ ଚୋର ରେକେଟକୁ ଠାବ କରି ଆଜି ୪ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଲୁଟେରା ୪ ଜଣ ହେଲେ ବୋରିଙ୍ଗ ପଦରର ନେପାଳ ବନଛୋର, କ୍ଷୀର ସିନ୍ଧୁ ମାଝୀ, ଶେଖର ବନଛୋର ଓ କମେଶ୍ୱର ବନଛୋର। ଏମାନେ ବିଭିନ୍ନ କୂପ, ଗଭୀର ବୋର ଓ୍ୱେଲ ରୁ ଅନେକ ଦିନଧରି ପମ୍ପ ଓ କେବୁଲ ଚୋରୀ କରି ନେଉଥିଲେ। ଯାହାକି ପୋଲିସ ଏମାନଙ୍କର ଖବର ପାଇ ପାରୁନଥିଲା। ଏମାନେ ବହୁତ ଦିନରୁ ଚୋରୀ କରୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଏମାନଙ୍କୁ ଠାବ କରି ଗିରଫ କରିଛି। ଏମାନଙ୍କ ଠାରୁ ୭ଟି ଚୋରୀ ପମ୍ପ, କେବୁଲ ସବୁ ଉଦ୍ଧାର ହୋଇଛି।

# ରାମ ରହିମଙ୍କୁ ପୁଣି ମିଳିଲା ପାରୋଲ ଅନୁମତି

**ନୂଆଦିଲ୍ଲୀ:** ଜେଲରୁ ବାହାରିବେ ଦୁଷ୍କର୍ମ ମାମଲାର ଦୋଷୀ ରାମ ରହିମ। ହରିୟାଣା ବିଧାନସଭା ନିର୍ବାଚନ ମାହୋଲ ମଧ୍ୟରେ ତାଙ୍କୁ ପୁଣି ଥରେ ପାରୋଲ ମିଳିଛି। ନିର୍ବାଚନ ଆୟୋଗ କିଛି ସର୍ତ୍ତ ରଖି ତାଙ୍କୁ ପାରୋଲ ପାଇଁ ଅନୁମତି ଦେଇଛନ୍ତି।

### ୪ ବର୍ଷରେ ୧୫ ଥର

ଦୁଇ ଜଣେ ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ଚାରି ବର୍ଷ ହେବ ଜେଲରେ ଅଛନ୍ତି ରାମ ରହିମ। ମାତ୍ର ଏହି ଚାରି ବର୍ଷ ମଧ୍ୟରେ ତାଙ୍କୁ ୧୫ ଥର ପାରୋଲ ମିଳିଲାଣି। ଗତ ୯ ମାସ ମଧ୍ୟରେ ସେ ତିନି ଥର ଜେଲରୁ ବାହାରିଥିଲେ।

ସେପ୍ଟେମ୍ବର ୨୯ରେ ପୁଣି ଥରେ ପାରୋଲ ପାଇଁ ଆବେଦନ କରିଥିଲେ। କିନ୍ତୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ସେ ଆବେଦନକୁ ନିର୍ବାଚନ କମିଶନଙ୍କୁ ପଠାଇ ଦେଇଥିଲେ। ନିର୍ବାଚନ କମିଶନ କାରଣ ପଚାରିବା ପରେ ବିଚାର ବିମର୍ଶ କରି ସର୍ତ୍ତ ରଖି ଅନୁମତି ଦେଇଛନ୍ତି।



ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ ଥିବାବେଳେ ରାମ ରହିମଙ୍କୁ ଏଥିରେ କୌଣସି ପ୍ରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଅଂଶଗ୍ରହଣ କରିବାକୁ ବାରଣ କରିଛନ୍ତି ନିର୍ବାଚନ ଆୟୋଗ। ଏଥିସହ ସୋଶାଲ ମିଡିଆ ପ୍ରଚାର କିମ୍ବା କୌଣସି ନିର୍ବାଚନ ପ୍ରଚାର ରାଲିରେ ସାମିଲ ନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ନିର୍ବାଚନ ସମୟରେ ରାମ ରହିମ ପାରୋଲରେ ଆସିବା ନୂଆ କଥା ନୁହେଁ, ସେ ଲୋକସଭା ନିର୍ବାଚନ ପୂର୍ବରୁ ଜାନୁଆରୀ ୧୯ରେ ପାରୋଲରେ ଆସିଥିଲେ। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ସମୟରେ ମଧ ଜେଲରୁ ବାହାରିଥିଲେ। ଗତ ମାସ ମଧ ତାଙ୍କୁ ୨୧ ଦିନିଆ ପାରୋଲ ଅନୁମତି ମିଳିଥିଲା। ଅଗଷ୍ଟ ୧୩ରେ ସେ ପାରୋଲରେ ଆସିଥିଲେ।

ବର୍ତ୍ତମାନ ସେ ହରିୟାଣାର ରୋହତକର ସୁନାରିଆ ଜେଲରେ ଅଛନ୍ତି। ସିରସା ଆଶ୍ରମରେ ଦୁଇଜଣ ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲ୍ ଦଣ୍ଡ ଭୋଗୁଛନ୍ତି।

### ଜାପାନ ରାଜନୀତିରେ ହଲଚଲ

# ପ୍ରଧାନମନ୍ତ୍ରୀ କିସିଦାଙ୍କ ସହ ପୂରା କ୍ୟାବିନେଟର ଇସ୍ତଫା

**ନୂଆଦିଲ୍ଲୀ:** ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା। ମଙ୍ଗଳବାର ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି ପିଏମ୍ ଫୁମିଓ କିସିଦା। ଏହାକୁ ନେଇ ଏବେ ଜାପାନ ରାଜନୀତି ହଲଚଲ ହୋଇଛି। ଫୁମିଓ କିସିଦା ୨୦୨୧ରୁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିଲେ। କିସିଦାଙ୍କ ପରେ ଏବେ ଶିଗେରୁ ଇଶିବାଙ୍କ ପ୍ରଧାନମନ୍ତ୍ରୀ ହେବା ରାସ୍ତା ସଫା ହୋଇଛି। ଜାପାନରେ ଆସନ୍ତା ଅକ୍ଟୋବର ୨୭ ତାରିଖରେ ସାଂସଦୀୟ ନିର୍ବାଚନ ହେବା ନେଇ ଯୋଜନା ହୋଇଛି। ଏହା ପରେ ତାଙ୍କୁ ଔପଚାରିକ ଭାବେ ଜାପାନର ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରାଯିବ।




ଶିଗେରୁ ଇଶିବା ଯୋଜନାକୁ ନେଇ ବିରୋଧ ଦଳ ନେତା ସମାଲୋଚନା କରିଛନ୍ତି। ମତଦାନ ପୂର୍ବରୁ ସଂସଦୀୟ ନୀତି ଗୁଡ଼ିକୁ ଯାଞ୍ଚ ଏବଂ ଚର୍ଚ୍ଚା ପାଇଁ ସ୍ୱଳ୍ପ ସମୟ ମିଳିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଫୁମିଓ କିସିଦାଙ୍କ ସ୍ଥାନ ପୂରଣ ପାଇଁ ଇଶିବାଙ୍କୁ ଶୁକ୍ରବାର ଲିବେରସନ ଡେମୋକ୍ରାଟିକ୍ ପାର୍ଟିର ନୂଆ ନେତା ଭାବେ ବଛା ଯାଇଥିଲା। ଅନ୍ୟପଟେ ଫୁମିଓ କିସିଦା ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ଲାଗି ଗତ ଅଗଷ୍ଟ ମାସରେ ଘୋଷଣା କରିଥିଲେ। ଆଜି ତାଙ୍କ ତିନି ବର୍ଷର କାର୍ଯ୍ୟକାଳ ଶେଷ ହୋଇଛି। ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି।

ଏପଟେ ଆଜି ଜାପାନ ସଂସଦରେ ମତଦାନ ପରେ ଇଶିବାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚୟନ କରାଯାଇପାରେ। କାରଣ ସଂସଦରେ ଇଶିବାଙ୍କ ପାର୍ଟି ନିକଟରେ ବହୁମତ ରହିଛି। ମୁଖ୍ୟ କ୍ୟାବିନେଟ୍ ସଚିବ ୟୋଶିମାସା ହୟାଶି କହିଛନ୍ତି, କିସିଦା ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଆଜି ସକାଳ କ୍ୟାବିନେଟ୍ ବୈଠକ ବେଳେ ଇସ୍ତଫା ଦେଇଛନ୍ତି।

# ପ୍ଲେନ୍ କ୍ରାସର ୫୬ ବର୍ଷ ପରେ ୪ ଯବାନଙ୍କ ମୃତଦେହ ଠାବ

## ଚଣ୍ଡିଗଡରୁ ଉଡି ରୋହତଙ୍ଗରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବିମାନ




**ମୁମ୍ବାଇ:** ହିମାଚଳ ପ୍ରଦେଶର ରୋହତଙ୍ଗ ପାଖରୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ଏହି ମୃତଦେହ ଗୁଡିକ ୧୯୬୮ ମସିହାର ବିମାନ ଦୁର୍ଘଟଣାରେ ସହିଦ ହୋଇଥିବା ସୈନିକମାନଙ୍କର। ଆଣ୍ଟୋନୋଭ -୧୨ ସାମରିକ ପରିବହନ ବିମାନ ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖରାପ ପାଗ ବିମାନ ଦୁର୍ଘଟଣାର କାରଣ ବୋଲି କୁହାଯାଉଥିଲା। ଗତ ୫୬ ବର୍ଷ ଧରି ବିମାନ ଦୁର୍ଘଟଣାରେ ସହିଦ ହୋଇଥିବା ସୈନିକଙ୍କ ମୃତଦେହ ଖୋଜା ଚାଲିଛି। ଏହା ହେଉଛି ଭାରତର ଦୀର୍ଘତମ ସର୍ଚ୍ଚ ଅପରେସନ୍। ଗତକାଲି ସୁରକ୍ଷା ବାହିନୀ ୪ଟି ମୃତଦେହ ପାଇଥିଲେ। ଏଥିମଧ୍ୟରୁ ୩ଟି ମୃତଦେହ ଚିହ୍ନଟ କରାଯାଇଛି, କିନ୍ତୁ ଗୋଟିଏର ପରିଚୟ ଜାରି ରହିଛି।

୭ ଫେବୃଆରୀ ୧୯୬୮ରେ, ଇଘ-୧୨ ସାମରିକ ବିମାନ ୧୦୨ ସୈନିକଙ୍କ ସହ ଚଣ୍ଡିଗଡ଼ରୁ ଉଡାଣ ଭରିଥିଲା। ତେବେ ଖରାପ ପାଗ ଯୋଗୁଁ ବିମାନଟି ରୋହତଙ୍ଗ ଲା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଭଳି ପରିସ୍ଥିତିରେ ମୃତଦେହ ଖୋଜିବା ବହୁତ କଷ୍ଟସାଧ ହୋଇଯାଇଥିଲା। ଏହି କାରଣରୁ ସେନା ଗତ ୫୬ ବର୍ଷ ଧରି ଶହୀଦଙ୍କ ମୃତଦେହକୁ ଖୋଜିବାରେ ଲାଗିଥିଲା।

୨୦୦୩ରେ, ଅଟଳ ବିହାରୀ ବାଜପେୟୀ ଇନଷ୍ଟିଚ୍ୟୁଟ୍ ଅଫ୍ ମାଉଁଟିଂରୁ କିଛି ପର୍ବତାରୋହୀ ଏହି ଧ୍ୱଂସାବଶେଷ ଗୁଡିକ ପାଇଥିଲେ। ସେବେଠାରୁ ସେନା ଏଠାରେ ଅନେକ ସର୍ଚ୍ଚ ଅପରେସନ୍ ଚଳାଥିଲା। ସେନାର ଡୋଗ୍ରା ବାଟାଲିୟନ ୨୦୦୫.୨୦୦୬, ୨୦୧୩ ଏବଂ ୨୦୧୯ରେ ସର୍ଚ୍ଚ ଅପରେସନ୍ କରିଥିଲା। ୨୦୧୯ରେ ମଧ ୫ଟି ମୃତଦେହ ଉଦ୍ଧାର କରାଯାଇଥିଲା।

ତିନୋଟି ମୃତଦହର ପରିଚୟ ମିଳିଥିବାବେଳେ ଚତୁର୍ଥ ମୃତଦେହ ବରଫରେ ପୋତି ହୋଇଯାଇଥିଲା। ମୃତଦେହ ନିକଟରୁ ମିଳିଥିବା ଦଲିଲରୁ ସେମାନଙ୍କୁ ଚିହ୍ନଟ କରାଯାଇଛି। ଚତୁର୍ଥ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ। ତାଙ୍କ ଡକ୍ୟୁମେଣ୍ଟରେ ଲେଖାଯାଇଥିବା ଜିନିଷ ଗୁଡ଼ିକ ମଧ ଲିଭି ଯାଇଛି।

ସେନା ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଜାରି ରହିବ। ଏଭଳି ପରିସ୍ଥିତିରେ ଅନ୍ୟ ସୈନିକଙ୍କ ମୃତଦେହ ମଧ ମିଳିବ ବୋଲି ଆଶା କରାଯାଉଛି।

# ସୋନମ ୱାଙ୍ଗଚୁକ୍‌ଙ୍କୁ ଅଟକ ରଖିଲା ପୁଲିସ, ବର୍ଷିଲେ ରାହୁଲ

**ସୋନମ ୱାଙ୍ଗଚୁକ୍ ପରିବେଶ ଓ ସାମ୍ବିଧାନିକ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରା କରିଥିବା ଶତାଧିକ ଲଦାଖବାସୀଙ୍କୁ ଅଟକ ରଖିବା ଗ୍ରହଣୀୟ ନୁହେଁ ବୋଲି ରାହୁଲ କହିଛନ୍ତି।**

**ନୂଆଦିଲ୍ଲୀ:** ପ୍ରଖ୍ୟାତ ପରିବେଶବିତ ସୋନମ ୱାଙ୍ଗଚୁକ୍ ଅଟକ। ଦିଲ୍ଲୀ ପୁଲିସ ସିଂଘୁ ସୀମାରେ ୱାଙ୍ଗଚୁକ ଏବଂ ତାଙ୍କର ଶହ ଶହ ସମର୍ଥକଙ୍କୁ ଅଟକ ରଖିଛି। ଏହାକୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଦିଲ୍ଲୀ ପୁଲିସକୁ କଡ଼ା ସମାଲୋଚନା କରିଛନ୍ତି। ଶାନ୍ତିପୂର୍ଣ୍ଣ ବିକ୍ଷୋଭକାରୀଙ୍କ ପ୍ରତି ସରକାରଙ୍କ ଏପରି ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ରାହୁଲ କହିଛନ୍ତି।

ସୋନମ ୱାଙ୍ଗଚୁକ୍ ପରିବେଶ ଓ ସାମ୍ବିଧାନିକ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରା କରିଥିବା ଶତାଧିକ ଲଦାଖବାସୀଙ୍କୁ ଅଟକ ରଖିବା ଗ୍ରହଣୀୟ ନୁହେଁ ବୋଲି ରାହୁଲ କହିଛନ୍ତି। ସେ ଆହୁରି ସମାଲୋଚନା କରି କହିଛନ୍ତି, 'ଲଦାଖର ଭବିଷ୍ୟତ ପାଇଁ ଠିଆ ହୋଇଥିବା ବୟସ୍କମାନଙ୍କୁ ଦିଲ୍ଲୀ ସୀମାରେ କାହିଁକି ଅଟକାଯାଉଛି ? ଲଦାଖର ସ୍ୱର ଶୁଣିବା ଦରକାର।'

ସୋମବାର ବିଳମ୍ବିତ ରାତିରେ ପରିବେଶବିତ୍ ସୋନମ ୱାଙ୍ଗଚୁକ୍ ଏବଂ ତାଙ୍କ ୧୫୦ ସମର୍ଥକଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ଏହାର ଜବାବରେ ୱାଙ୍ଗଚୁକ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ଖବର ସେୟାର କରିଛନ୍ତି।

ସେ କହିଛନ୍ତି ଯେ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ମହାତ୍ମା ଗାନ୍ଧୀଙ୍କ ସମାଧି ଅଭିମୁଖେ ଯାତ୍ରା କରୁଥିବା ବେଳେ ପୁଲିସ ଫୋର୍ସ ହସ୍ତକ୍ଷେପ କରିଥିଲେ। ଦିଲ୍ଲୀ ସୀମାରେ ମୋତେ ଏବଂ ମୋର ୧୫୦ ଜଣ ସହଯୋଗୀଙ୍କୁ ଅଟକ ରଖିଛନ୍ତି। ଏମାନଙ୍କ ମଧ୍ୟରେ ୮୦ ବର୍ଷରୁ ଅଧିକ ବୟସ୍କ ବହୁ ବୟସ୍କ ପୁରୁଷ ଓ ମହିଳା ଏବଂ କିଛି ଡଜନ ସେନାର ଯବାନ ରହିଛନ୍ତି। ଆଗକୁ କ'ଣ ହେବ ଆମେ ଜାଣିନାହୁଁ ବୋଲି ୱାଙ୍ଗଚୁକ୍ ଲେଖିଛନ୍ତି।



ପରେ ଦିଲ୍ଲୀ ପୁଲିସ ସୁନିଶ୍ଚିତ କରିଛି ଯେ ସହରର ସୀମାରେ ବିଏନ୍‌ଏସ୍ ଆଇନର ଧାରା ୧୬୩ ଲାଗୁ କରାଯାଇଛି, ଯାହା ସାମାଜିକ କର୍ମୀଙ୍କ ଗତି ବିଧିଉପରେ ପ୍ରତିବନ୍ଧକ ଲଗାଇଛି। ଲଦାଖର ନେତୃତ୍ୱଙ୍କ ସହ ଆଲୋଚନା ଆରମ୍ଭ କରିବାକୁ ସରକାରଙ୍କୁ ଅନୁରୋଧ କରିବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ପହିଲାରେ ବରିଷ୍ଠ ଏବଂ ବୟସ୍କ ନାଗରିକଙ୍କ ସମେତ ପଦଯାତ୍ରାକାରୀମାନେ ଲେହରୁ ପଦଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କର ଅନ୍ୟତମ ପ୍ରମୁଖ ଦାବି ହେଉଛି ସମ୍ବିଧାନର ଷଷ୍ଠ ଅନୁସୂଚୀ ଅଧୀନରେ ଲଦାଖକୁ ଅନ୍ତର୍ଭୁକ୍ତ କରିବା, ଯାହା ସ୍ଥାନୀୟ ଲୋକଙ୍କୁ ସେମାନଙ୍କ ଜମି ଏବଂ ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ଅଧିକ ସ୍ୱାଧୀନତା ପ୍ରଦାନ କରିବ।

ଲଦାଖର ଦୁର୍ବଳ ପରିବେଶ ଏବଂ ଏହାର ଆଦିବାସୀ ସମ୍ପ୍ରଦାୟକୁ ସୁରକ୍ଷା ଦେବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଲେହରେ ନଅ ଦିନିଆ ଅନଶନ ପରେ ୱାଙ୍ଗଚୁକ ଏହିପରି ପଦଯାତ୍ରା କରିଛନ୍ତି।

## ରାଶିଫଳ

**ମେଷ :** ଅପରାହ୍ଣ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ପଞ୍ଚମ ଚନ୍ଦ୍ର ଯୋଗୁ ମାନ ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମନୋମାଳିନ୍ୟ, ସନ୍ତାନମାନଙ୍କର ଚାଲିଚଳନକୁ ନେଇ ଚିନ୍ତିତ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟକୁ ନେଇ ବିଚଳିତ ହେବେ।

**ବୃଷ :** ଅପରାହ୍ଣ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ କୃଷ୍ଣପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ବନ୍ଧୁବାନ୍ଧବଙ୍କ ସାହାଯ୍ୟ, ସହଯୋଗ ମିଳିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ।

**ମିଥୁନ:** ତୃତୀୟ ଓ ଚତୁର୍ଥ ଚନ୍ଦ୍ର ଭୋଗ ହେଉ ଥିବାରୁ ଆକସ୍ମିକ ଧନଲାଭ ଓ କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ। ମୂଲ୍ୟବାନ ଧାତୁ, ବସନଭୂଷଣ ଓ ଯାନବାହନ କ୍ରୟ କରିବେ।

**କର୍କଟ:** ଅପରାହ୍ଣ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ଘାତଚନ୍ଦ୍ର ଯୋଗୁ ସେ ସମୟ ପର୍ଯ୍ୟନ୍ତ ମନରେ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ, ଶାରୀରିକ ପୀଡ଼ା, ଆର୍ଥିକ କ୍ଷତି ଏବଂ ଆର୍ଥିକ ଠକାମିରେ ପଡ଼ି ପାରନ୍ତି। ବାଣିଜ୍ୟ, ବ୍ୟବସାୟରେ କ୍ଷତି ଏବଂ କର୍ମରେ ସମସ୍ୟା ଉପୁଜିବ। ଯେଉଁମାନଙ୍କର ପୁଷ୍ୟା କର୍କଟ, ସେମାନେ ସତର୍କ ହେବେ।

**ସିଂହ:** ଅପରାହ୍ଣ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ଶ୍ରୀଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି, ବାଣିଜ୍ୟ, ବ୍ୟବସାୟରେ ମଧ୍ୟମ ଆୟ ଏବଂ କର୍ମରେ ଆଶାଜନକ ସଫଳତା ମିଳିବ।

**କନ୍ୟା:** ଦ୍ୱାଦଶଚନ୍ଦ୍ର ଏବଂ ଶ୍ରୀଚନ୍ଦ୍ର ଉଭୟ ଭୋଗ ହେଉ ଥିବାରୁ ଆୟ ଅପେକ୍ଷା ବ୍ୟୟ ବହୁତ କମ୍ ରହିବ ଏବଂ ଖର୍ଚ୍ଚପ୍ରତି ଅନାଗ୍ରହ, ସଞ୍ଚୟ ପ୍ରତି ମନରେ ଆଗ୍ରହ ପ୍ରକାଶ ପାଇବ। ଦୂରେଇ ଯାଇ ଥିବା ବନ୍ଧୁ, ସ୍ୱଜନ, ପରିଜନ ଓ ପଡ଼ୋଶୀ ନିକଟତର ହେବେ।

**ତୁଳା:** ଏକାଦଶ ଓ ଦ୍ୱାଦଶ ଚନ୍ଦ୍ର ଉଭୟ ଭୋଗ ହେଉ ଥିବାରୁ ଧନ, ସମ୍ପଦ ବୃଦ୍ଧି ପାଇବଏବଂ ଆୟର ନୂତନ ମାର୍ଗ ଖୋଲିବ।ବିଦେଶ ଯାତ୍ରା, ନୂତନ କର୍ମାରମ୍ଭ ଓ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଆୟ ଅତି ଉତ୍ତମ ହେବ।

**ବିଛା :** ଦଶମ ଓ ଏକାଦଶଚନ୍ଦ୍ର, ମଙ୍ଗଳବାର ଏବଂ ସକାଳ ୯ଟା ୧୬ ମିନିଟ୍ ପରେ ରବିଙ୍କ ନକ୍ଷତ୍ର ଭୋଗ ହେଉ ଥିବାରୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ। ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ।

**ଧନୁ :** ଅପରାହ୍ଣ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ନବମ ଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନ ଅସ୍ଥିର, ବିଷାଦଗ୍ରସ୍ତ ଓ ଚାପଗ୍ରସ୍ତ ରହିବ ଏବଂ ମାନ, ସମ୍ମାନ ହାନି ଘଟିବ। ବାଣିଜ୍ୟ, ବ୍ୟବସାୟରେ ଆୟ ମଧ୍ୟମ ହେବ ଏବଂ କର୍ମରେ ବିଫଳତା ଓ ବିଘ୍ନଦେଖା ଦେବ।

**ମକର :** ଘାତବାର ଏବଂ ସକାଳ ୪ଟା ୦୨ ମିନିଟ୍ ? ପର୍ଯ୍ୟନ୍ତ ଘାତଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ବାଦ ବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଓ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ବେଳେ ସତର୍କ ହେବେ।

**କୁମ୍ଭ :** ଅପରାହ୍ଣ ୪ଟା ୦୨ ମିନିଟ୍ ପର୍ଯ୍ୟନ୍ତ ସପ୍ତମଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା, ବାଣିଜ୍ୟ, ବ୍ୟବସାୟରେ ଉତ୍ତମ ଆୟ ଏବଂ କର୍ମରେ ଆଶା ଜନକ ସଫଳତା ମିଳିବ। ଯଉଁମାନଙ୍କର ଧନିଷ୍ଠା ଓ ପୂର୍ବଭାଦ୍ରକୁମ୍ଭ, ସେମାନେ ସୁଫଳ ପାଇବେ।

**ମୀନ :** ଷଷ୍ଠ ଓ ସପ୍ତମଚନ୍ଦ୍ର, ମଙ୍ଗଳବାର ଏବଂ ସକାଳ ୯ଟା ୧୬ ମିନିଟ୍ ପରେ ରବିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବଏବଂ କର୍ମରେ ସଫଳତା ଓ କର୍ମସ୍ଥାନର ସମସ୍ତ ବାଧାବିଘ୍ନ ଓ ପ୍ରତିବନ୍ଧକ ଦୂର ହେବ।

# ବାଲେଶ୍ୱର ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ



ବାଲେଶ୍ୱର (ମାନିସ) : ଓଡିଶା ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଆଜି ଅପରାହ୍ନ ୫ ଟା ସମୟରେ ବାଲେଶ୍ୱର ଗସ୍ତରେ ଆସିଛନ୍ତି । ଏହି ଅବସରରେରେ ପୂର୍ବାଞ୍ଚଳ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ପୋଲିସ ମହାନିଦ୍ଦର୍ଦଶକ ଖୁରାନିଆ ଆଇନ ଶୃଙ୍ଖଳା ଓ ଦୁର୍ଗାପୂଜା ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ବୈଠକରେ ଏଡିଜିପି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଏସପି ସାଗରିକା ନାଥ, ଏ.ଏସ.ପି ପ୍ରଦୀପ ଦଳେଇ,ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା ଓ ଟାଉନଥାନା ଆଇଆଇସି ଅଶୋକ ନାୟକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂର୍ବାଞ୍ଚଳ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପହଞ୍ଚିବା ପରେ ୱାଇ.ବି ଖୁରାନିଆଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ବୈଠକ ପରେ ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ଅଜଣା ବ୍ୟକ୍ତି ଶବ ଉଦ୍ଧାର

ବାରଙ୍ଗ (ମାନିସ) : ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁରୁସ୍ଥିତ ଖେଳପଡ଼ିଆ ନିକଟରେ ଏକ ମୃତ୍ୟୁ ବ୍ୟକ୍ତି ଶବ ପଡ଼ିଥିବ ଦୃଶ୍ୟ ମଙ୍ଗଳବାର ସକାଳ ଦେଖିବାକୁ ମିଳିଛି । ସକାଳେ ଖେଳ ପଡିଆରେ ପିଲା ଖେଳୁଥିବା ସମୟରେ ବଲ୍‌ଟି ସେହି ସ୍ଥାନରେ ଚାଲିଯିବାରୁ ବଲ୍‌ଟି ଆଣିବା ଜିବା ବେଳେ ମୃତ୍ୟୁବ୍ୟକ୍ତି ଜଣକ ଜଙ୍ଗଲ ମଧ୍ୟରେ ପଡିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଜାରି ରଖିଛି, ପୋଲିସ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୂଚନା ମୁତାବକ ଅଞ୍ଚଳରେ ସେ ଜଣେ ମାନସିକ ରୋଗୀ ଭାବରେ କିଛି ଦିନ ହେବ ସ୍ଥାନୀୟ ଅଞ୍ଚଳ ବୁଲାବୁଲି କରିବାର ଦେଖିବାକୁ ମିଳିଥିଲା । ପୋଲିସ ଶବ ଉଦ୍ଧାର କରି ବଡ଼ ମେଡିକାଲ ପଠାଇ ବ୍ୟବଚ୍ଛେଦ ପରେ ପ୍ରକୃତ ମୃତ୍ୟୁ କାରଣ ଜଣାପଡିବ ବୋଲି କହିଛି ପୋଲିସ ।

# ଅକ୍ଟୋବର ୨, ୨୦୨୪ ସକାଳ ୯ଟାରୁ ସ୍ୱଚ୍ଛତା ପାଇଁ ଏକ ଘଣ୍ଟା ଶ୍ରମଦାନ କରିବାକୁ ସବୁ ବର୍ଗର ଲୋକଙ୍କୁ ଅନୁରୋଧ କଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ସିଆର ପାଟିଲ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଚାଲିଥିବା ସ୍ୱଚ୍ଛତା ହିଁ ସେବା (ଏସଏଚଏସ) ୨୦୨୪ ଅଭିଯାନର ସଦ୍ୟତମ ସୂଚନା ଉପରେ ଆଲୋକପାତ କରିଛନ୍ତି । ସ୍ୱଚ୍ଛ ଭାରତ ମିଶନ (ଏସବିଏମ୍)ର ୧୦ତମ ପୂର୍ତ୍ତି ଅବସରର ପୂର୍ବ ସଂଧ୍ୟାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଛି ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଜାତୀୟ ରାଜଧାନୀରେ ଏଥିରେ ସାମିଲ ହେବେ । ପାନୀୟ ଜଳ ଓ ପରିମଳ ବିଭାଗ (ଡିଡିଡବ୍ଲ୍ୟୁଏସ୍) ସଚିବ ସୁଶ୍ରୀ ବିନି ମହାଜନ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଶ୍ରୀ ପାଟିଲ ତାଙ୍କ ଅଭିଭାଷଣରେ ନାଗରିକ, ଯୁବକ, ମହିଳା, କର୍ପୋରେଟ୍, ଶିଳ୍ପ ସଂଘ, ସାଂସ୍କୃତିକ ସଂଗଠନ, ନାଗରିକ ସମାଜ, ତାରକା, ଧାର୍ମିକ ଓ ଆଧ୍ୟାତ୍ମିକ ନେତା ଏବଂ ଗଣମାଧ୍ୟମ ସମେତ ସମସ୍ତ ବର୍ଗର ଲୋକଙ୍କୁ ସେମାନଙ୍କ ପଡ଼ୋଶୀ, କଲୋନୀ ଏବଂ ଗ୍ରାମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଅକ୍ଟୋବର, ୨, ୨୦୨୪ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଆସନ୍ତାକାଲି ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ସମଗ୍ର ଦେଶରେ ଲୋକମାନେ ସ୍ୱଚ୍ଛତା ପାଇଁ ଶ୍ରମଦାନ କରନ୍ତୁ ଏବଂ ସ୍ୱଚ୍ଛତା ହିଁ ସେବାର ଧାରଣାରେ ଯୋଗଦାନ ଦିଅନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଏସବିଏମର ଚାଲିଥିବା ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଏହି ମିଶନ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସହାୟତାରେ ସମଗ୍ର ଭାରତରେ ପରିମଳ ବ୍ୟବସ୍ଥାକୁ ଖୋଲା ମଳତ୍ୟାଗ ମୁକ୍ତ (ଓଡିଏଫ) ମାନ୍ୟତା ପାଇବାଠାରୁ ଆରମ୍ଭ କରି କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନାର ସମ୍ପ୍ରସାରଣ ପର୍ଯ୍ୟନ୍ତ ପରିବର୍ତ୍ତନ କରିଛି । ବର୍ତ୍ତମାନ ଓଡିଏଫ୍ ପ୍ଲସ୍ ମଡେଲ୍ ଗ୍ରାମର ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉଥିବାବେଳେ ଅକ୍ଟୋବର ୨ ତାରିଖରେ ହେବାକୁ ଥିବା ସ୍ୱଚ୍ଛ ଭାରତ ଦିବସ ଦେଶର ଯାତ୍ରାଉପରେ ପ୍ରତିଫଳନର ମୁହୂର୍ତ୍ତ ଭାବେ କାର୍ଯ୍ୟ କରିବ, ଯେଉଁଥିରେ ବର୍ଜ୍ୟବସ୍ତୁରୁ ଶକ୍ତି କ୍ଷେତ୍ରରେ ପଦକ୍ଷେପ ଏବଂ ଜଳବାୟୁ ସହନଶୀଳ ପରିମଳ ଭିତ୍ତିଭୂମି ଭଳି ଅଭିନବ ସମାଧାନ ପ୍ରଦର୍ଶିତ ହେବ । ସେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଅକ୍ଟୋବର ୨ ତାରିଖ କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ପ୍ରଭାବଶାଳୀ ଏବଂ ତାରକାମାନଙ୍କଠାରୁ ପ୍ରାପ୍ତ କାର୍ଯ୍ୟ ଏବଂ ସମର୍ଥନ ଉପରେ ଆଲୋକପାତ କରିବ, ଯେଉଁମାନେ କେବଳ ଗତ ୧୦ ବର୍ଷର ଅଗ୍ରଗତିକୁ ସ୍ୱୀକାର କରନ୍ତି ନାହିଁ ବରଂ ମିଶନର ଭବିଷ୍ୟତ ଦୃଷ୍ଟିକୋଣ ପାଇଁ ସେମାନଙ୍କର ନିରନ୍ତର ସମର୍ଥନ ମଧ୍ୟ ପ୍ରଦାନ କରନ୍ତି । ଶ୍ରୀ ପାଟିଲ ଆଲୋଚନା ସମୟରେ ସ୍ୱଚ୍ଛ ଭାରତ ମିଶନ (ଏସବିଏମ)ର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ ଏବଂ ଏହି ଅନନ୍ୟ




ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବା ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ଦ୍ୱାରା ହୋଇଥିବା ଅଧ୍ୟୟନ ବିଷୟରେ ଉଲ୍ଲେଖ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ କିପରି ନିକଟରେ ନେଚର ମାଗାଜିନ୍ ମିଶନର ପ୍ରୟାସକୁ ପ୍ରଶଂସା କରିଥିଲା ଏବଂ ଆକଳନ କରିଥିଲା ଯେ ଏହା ବାର୍ଷିକ ୬୦,୦୦୦-୭୦,୦୦୦ ଶିଶୁ ମୃତ୍ୟୁକୁ ରୋକିବାରେ ସାହାଯ୍ୟ କରିଥିଲା । ସେହିପରି ୨୦୧୮ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ର ଏକ ରିପୋର୍ଟ ଅନୁଯାୟୀ ୨୦୧୪ ତୁଳନାରେ ୨୦୧୯ରେ ୩ ଲକ୍ଷରୁ ଅଧିକ ଝାଡ଼ାବାନ୍ତି ଜନିତ ମୃତ୍ୟୁକୁ ରୋକାଯାଇଛି, ଯାହା ଏସବିଏମ୍-ଜିର ଜୀବନ ରକ୍ଷାକାରୀ କ୍ଷମତାକୁ ଆହୁରି ଦର୍ଶାଉଛି । ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ବିନି ମହାଜନ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନକୁ ସମସ୍ତ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଅମୂଲ୍ୟ ସାମୂହିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆଲୋକପାତ କରିଥିଲେ ଯେ ପରିମଳ ଏକ ସାମାଜିକ ପ୍ରସଙ୍ଗ ଯାହା ଆମ ସମସ୍ତଙ୍କୁ ଏକଜୁଟ କରେ, ସର୍ବୋଚ୍ଚ ସ୍ତରରୁ ସ୍ଥାନୀୟ ସମୁଦାୟ ପର୍ଯ୍ୟନ୍ତ ସମନ୍ୱିତ ନେତୃତ୍ୱ ଦ୍ୱାରା ପରିଚାଳିତ । ସ୍ୱଚ୍ଛତା କେବଳ ଏକ ମାଇଲଖୁଣ୍ଟ ନୁହେଁ ବରଂ ଏକ କ୍ରମାଗତ ବିକଶିତ ଯାତ୍ରା, ଯାହାର ମୂଳରେ ଆଚରଣ ପରିବର୍ତ୍ତନ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ସ୍ୱଚ୍ଛ ଭାରତ ଅଭିଯାନ ଉଲ୍ଲେଖନୀୟ ଅଗ୍ରଗତି କରିଛି ଏବଂ ୫୫% ରୁ ଅଧିକ ଗ୍ରାମକୁ ÷୬୩୯ ;ଓଡିଏଫ୍ ପ୍ଲସ୍ ମଡେଲ୍÷୬୩୯ ; ଘୋଷଣା କରାଯାଇଛି, ୫ ଲକ୍ଷ ବର୍ଜ୍ୟବସ୍ତୁ ସଂଗ୍ରହ ଯାନ କାର୍ଯ୍ୟକ୍ଷମ ରହିଛି ଏବଂ ବର୍ଜ୍ୟଜଳ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଉଲ୍ଲେଖଯୋଗ୍ୟ, ଦେଶର ୩୦୦୦ ବ୍ଲକରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକାରୀ ହେଉଥିବା ବେଳେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବ୍ୟବହାର କରାଯାଇ ପିଚୁ ବଦଳରେ ବ୍ୟବହାର କରାଯାଉଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ସ୍ଥାୟୀ ଜ୍ଞାନକୌଶଳ ବ୍ୟବହାର କରି ପାଖାପାଖି ୪୦,୦୦୦ କିଲୋମିଟର ଗ୍ରାମୀଣ ସଡ଼କ ନିର୍ମାଣ କରାଯାଇଛି, ଯାହା କେବଳ ଗତ ଦୁଇ ବର୍ଷ ମଧ୍ୟରେ ୧୩,୦୦୦ କିଲୋମିଟର ସମ୍ପୂର୍ଣ୍ଣ ହୋଇଛି । ଏହି ଉଦ୍ଭାବନ ଭାରତରେ ସ୍ଥାୟୀତା ଏବଂ ପରିମଳର ଭବିଷ୍ୟତ ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି । ସେପ୍ଟେମ୍ବର ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା (ଏସଏଚଏସ) ୨୦୨୪ ଅଭିଯାନର ୨୦୨୪ ଅକ୍ଟୋବର ୨ ତାରିଖ ୧୫୫ତମ ଗାନ୍ଧୀ ଜୟନ୍ତୀ ଅବସରରେ ଶେଷ ହେବ । ଗଣମାଧ୍ୟମକୁ ସମସ୍ତ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଏସଏଚଏସ ଅପଡେଟ୍ ବିଷୟରେ ଅବଗତ କରାଯାଇଥିଲା , ଯେଉଁଥିରେ ସବୁ ବର୍ଗର ଲୋକମାନେ ବ୍ୟାପକ ଅଂଶଗ୍ରହଣ କରିଛନ୍ତି । ଏସଏଚଏସ ୨୦୨୪ର ବିଷୟବସ୍ତୁ 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା'ର ଉଦ୍ଦେଶ୍ୟ ଥିଲା 'ସମଗ୍ର ସମାଜ ଆଭିମୁଖ୍ୟ'; ଅଧୀନରେ ସମଗ୍ର ଭାରତରେ ସ୍ୱଚ୍ଛତା ପାଇଁ ସାମୂହିକ କାର୍ଯ୍ୟ ଏବଂ ନାଗରିକ ଅଂଶଗ୍ରହଣର ଭାବନାକୁ ପୁନର୍ଜୀବିତ କରିବା । ଏହି ଅଭିଯାନରେ ମାନ୍ୟବର ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସହିତ ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ସକ୍ରିୟ ଅଂଶଗ୍ରହଣ କରିଛନ୍ତି, ଅନେକ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସାଂସଦ/ ବିଧାୟକ ଏବଂ ରାଜ୍ୟପାଳମାନେ ସ୍ଥାନୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ।

# କୃଷକ ଏବଂ କୃଷକ ସଙ୍ଗଠନଗୁଡ଼ିକ ସହ ଆଲୋଚନା କଲେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନ

ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ପ୍ରତ୍ୟେକ ମଙ୍ଗଳବାର କୃଷକ ଏବଂ କୃଷକ ସଙ୍ଗଠନ ଗୁଡ଼ିକ ସହ ଆଲୋଚନା କରିବା କ୍ରମରେ ଆଜି ନୂଆଦିଲ୍ଲୀରେ କୃଷକ ସଙ୍ଗଠନର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଚୌହାନ କୃଷକ ସଙ୍ଗଠନ ପକ୍ଷରୁ ଆସିଥିବା ସମସ୍ତ ଅଧ୍ୟକ୍ଷ, ଆବାହକ ଏବଂ କୃଷକମାନଙ୍କୁ ସ୍ୱାଗତ କରିଥିଲେ । ଆଲୋଚନା କାଳରେ କୃଷକ ସଙ୍ଗଠନ ଗୁଡ଼ିକ ଅନେକ ଗୁଡ଼ିଏ ପ୍ରସ୍ତାବ ଦେଇଥିଲେ । ଏହା ମଧ୍ୟରେ କୃଷି ଖର୍ଚ୍ଚ ହ୍ରାସ କରିବା, ଲାଭଜନକ ମୂଲ୍ୟ ପ୍ରଦାନ, ଜଳବନ୍ଦୀରୁ ଫସଲକୁ ରକ୍ଷା କରିବା, କୀଟନାଶକ ଉପଲବ୍ଧ କରାଇବା, ଉନ୍ନତ ବିହନ ଯୋଗାଣ ଏବଂ ଶସ୍ୟକୁ ପଶୁଙ୍କ ଠାରୁ ରକ୍ଷା କରିବା ଇତ୍ୟାଦି ସ୍ଥାନ ପାଇଥିଲା । ଶ୍ରୀ ଚୌହାନ କହିଥିଲେ କି, ଅନିୟନ୍ତ୍ରିତ କୀଟନାଶକ ଓ ସାରର ପ୍ରୟୋଗ ଯୋଗୁ ଜମିର ଉର୍ବରତା ହ୍ରାସ ପାଉଥିବାରୁ ଚାଷୀମାନେ ଚିନ୍ତା ବ୍ୟକ୍ତ କରିଥିଲେ । କିପରି ସରକାରଙ୍କ ସମସ୍ତ ଯୋଜନାର ସୂଚନା ସମସ୍ତଙ୍କ ପାଖରେ ପହଞ୍ଚିପାରିବ, ଯଦ୍ୱାରା କି ଚାଷୀମାନେ ଏହାର ଲାଭ ଉଠାଇପାରିବେ । ଅନେକ ସମୟରେ ସୂଚନାର ଅଭାବ ଯୋଗୁ ଅନେକ ସମୟରେ ଚାଷୀମାନେ ଏହାର ଲାଭ ପାଇପାରୁନଥିବା ପ୍ରତିନିଧିମାନେ କହିଥିଲେ । ଶସ୍ୟ ବୀମାକୁ କୃଷକମାନେ ପ୍ରଶଂସା କରିଥିଲେ ମଧ୍ୟ ସମସ୍ତ କୃଷକଙ୍କୁ ଏହା ମିଳୁନଥିବା ସେମାନେ କହିଥିଲେ । କିଷାନ କ୍ରେଡିଟ କାର୍ଡରେ ଅର୍ଥ ମିଳିବା ସଂକ୍ରାନ୍ତରେ ମଧ୍ୟ କୃଷକମାନେ ପରାମର୍ଶ ଦେଇଥିଲେ । କୃଷକମାନେ ସମ୍ମୁଖୀନ ହେଉଥିବା କେତେକ



ବ୍ୟାବହାରିକ ସମସ୍ୟା ଉଠାଇଥିଲେ । ଯେପରିକି ଟ୍ରାନ୍ସଫର୍ମର ନଷ୍ଟ ହୋଇଗଲେ ନିର୍ଦ୍ଦିଷ୍ଟ ସମୟ ସୀମାରେ ତାହାକୁ ବଦଳାଇବା, ନଚେତ ଫସଲକୁ ଜଳସେଚନରେ ସମସ୍ୟା ହେଉଛି । ବିଭିନ୍ନ କଳକାରଖାନାରୁ ନିର୍ଗତ ଦୂଷିତ ଜଳ ଯୋଗୁ ଫସଲ ଓ ଭୂତଳ ଜଳ ନଷ୍ଟ ହେଉଥିବା ନେଇ କୃଷକମାନେ କହିଥିଲେ । ମୋ ପାଇଁ ଏହି ଆଲୋଚନା ବେଶ୍ ଉପଯୋଗୀ, କାରଣ କୃଷକ ହିଁ ଭଗବାନ ବୋଲି ଶ୍ରୀ ଚୌହାନ କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଥିଲେ, କୃଷକମାନଙ୍କର ସମସ୍ୟା ବହୁତ ଛୋଟ ଦେଖାଯାଉଥିଲେ ମଧ୍ୟ ଏହାର ସମାଧାନ ହୋଇଗଲେ ସେମାନଙ୍କ ଉତ୍ପାଦନ ୧୦/୨୦ ପ୍ରତିଶତ ବୃଦ୍ଧି ପାଇପାରିବ । ଏଥିପାଇଁ ଯେଉଁ ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ସମ୍ପର୍କିତ, ଯେପରିକି କୃଷକମାନଙ୍କୁ ଯେପରି ନିମ୍ନମାନର ବିହନ ଓ କୀଟନାଶକ ନ ମିଳେ ସେଥିପାଇଁ କଠୋର ଆଇନ ଆଣିବାକୁ କେନ୍ଦ୍ର ସରକାର ବିଚାର କରିବେ । ସେ କହିଛନ୍ତି,ଏପରି କେତେ ପ୍ରସଙ୍ଗ ଅଛି ଯାହାକି ରାଜ୍ୟ ସରକାର ସମାଧାନ କରିବେ । ଏସବୁର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯିବ । ଶ୍ରୀ ଚୌହାନ କହିଲେ, ମାନୁଆଲ ସର୍ଭେ ଦ୍ୱାରା ରେକର୍ଡ ରଖିବାରୁ ହେଉଥିବା ସମସ୍ୟାରୁ ବର୍ତ୍ତିବା ପାଇଁ ଚାଷୀମାନେ ମଧ୍ୟ ପ୍ରସ୍ତାବ ଦେଇଥିଲେ, ଯାହାକି ବହୁତ ଉପଯୋଗୀ । ମୁଁ କୃଷକମାନଙ୍କୁ ଧନ୍ୟବାଦ ଦେଉଛି କି ସେମାନେ ଆଲୋଚନା ପାଇଁ ଆସିଲେ ଏବଂ ବହୁ ମୂଲ୍ୟବାନ ପରାମର୍ଶ ଦେଲେ । ଆମକୁ ଯେଉଁସବୁ ପ୍ରସ୍ତାବ ମିଳିଲା ମିଳିମିଶି ତାହା ଉପରେ କାମ କରିବୁ ଏବଂ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହ ମିଶି ପ୍ରଚେଷ୍ଟା ମଧ୍ୟ କରିବୁ ।

# ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ଆଇନ ସଚେତନତା ଶିବିର



ରାୟଗଡ଼ (ମାନିସ) : ରାୟଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା-୦୧.୧୦.୨୦୨୪ ରିଖ ମଙ୍ଗଳବାର ସକାଳ ଘ ୧୦.୦୦ମି ରେ ସ୍ଥାନୀୟ ମାତୃ ଶକ୍ତି ବରିଷ୍ଠ ନାଗରିକ ଗୃହ, ରାୟଗଡା ଓ ଶକ୍ତି ବରିଷ୍ଠ ନାଗରିକ ଗୃହ, ରାୟଗଡା ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ,ରାୟଗଡା ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମ କୁ ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହେବା ସହିତ ନାଲସା ସ୍କିମ ୨୦୧୬, ସିନିଅର ସିଟିଜନ ଆକ୍ଟ ୨୦୦୭ ଓ ସରକାରଙ୍କ ତରଫରୁ ବରିଷ୍ଠ ନାଗରିକ ମାନଙ୍କ ପାଇ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଓକିଲ ସୀତାରାମ ପଣ୍ଡା, ମାତୃ ଶକ୍ତି ବରିଷ୍ଠ ନାଗରିକ ଗୃହ ର ଡାଇରେକ୍ଟର ଶ୍ରୀ ରମେଶ ନାଏକ ଓ ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାଏକ, ଏମ୍.କ୍ରୀଷ୍ଣା ରାଓ, ଏମ୍.ଟି.ଏସ୍ କୃଷ୍ଣ ଚନ୍ଦ୍ର ମହାରଣା, ମାତୃଶକ୍ତି ବରିଷ୍ଠ ନାଗରିକ ଗୃହ ର ସମସ୍ତ ବରିଷ୍ଟ ନାଗରିକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇ ଥିବା ବିଭିନ୍ନ ଆଇନ ଓ ସରକାରୀ ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ବରିଷ୍ଠ ନାଗରିକ ପାଇ ଥିବା ବ୍ୟବସ୍ଥା ଓ ସେମାନଙ୍କ ପାଇ ଆଇନରେ ଉଦ୍ଧିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ରାୟଗଡା ମାତୃ ଶକ୍ତି ବରିଷ୍ଠ ନାଗରିକ ଗୃହର ର ବରିଷ୍ଠ ନାଗରିକ ଓ କର୍ମଚାରୀ ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।


# ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଚିହ୍ନଟି କରଣ ଓ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୂଆପଡା (ମାନିସ) : ସମଗ୍ର ଶିକ୍ଷା ନୂଆପଡ଼ା ଆନୁକୁଲ୍ୟରେ ସଦର ବ୍ଲକ ଅନ୍ତର୍ଗତ ନେସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆପଡା ଠାରେ ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ଚିହ୍ନଟି ଓ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା କ୍ଷ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ମିଶ୍ର ଙ୍କ ମାର୍ଗଦର୍ଶନ ରେ ଓ ନୂଆପଡା ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ହେମାଗର ମହାନନ୍ଦ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଶିବିର ରେ ନୂଆପଡା ବ୍ଲକ ର ୯୦ ଜଣ ଦିବ୍ୟାଙ୍ଗ ଛାତ୍ର ଛତ୍ରୀ ଓ ତାଙ୍କ ମାତା ପିତା ଯୋଗ ଦେଇଥିଲେ କ୍ଷ ନୂଆପଡା ଗୋଷ୍ଠୀ ଅଧିକାରୀ ଶ୍ରୀ ହେମାସାଗର ମହାନନ୍ଦ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଜିଲ୍ଲା ଅନ୍ତର୍ଣବେଶି ଶିକ୍ଷା ସଂଯୋଜକ ଶ୍ରୀ ହେମନ୍ତ କୁମାର ଭୋଇ, ଏଲିମକୋ ଭୁବନେଶ୍ୱର ଚିହ୍ନଟି କରଣ ପାଇଁ ଆସିଥିବା ଡକ୍ଟର ସୋମନାଥ, ଡକ୍ଟର ଧରିତ୍ରୀ ଗଡାତ୍ୟା, ବିଶ୍ୱ ରଞ୍ଜନ ପୃଷ୍ଟି ଯୋଗଦେଇ ଶିବିର ରେ ଯୋଗ ଦେଇ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଙ୍କୁ ଉପକରଣ ବଣ୍ଟନ କରିଥଲ କ୍ଷ ଏଥିରେ ଉପସ୍ଥିତ ସମସ୍ତ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କୁ ପରୀକ୍ଷା କରି ତିନି ଚକିଆ ଗାଡ଼ି ୧ଟି, ହୋଇଲ ଚେୟାର ୬ଟି, ସିଡ଼ି ଚେୟାର ୧୦ଟି, ବ୍ଲାଇଣ୍ଡ କିଟ ୬, ସ୍ମାର୍ଟ କେନ ୬ଟି, ହେୟାରିଂ ଏଡ଼ ୪୦ଟି, କ୍ରଚେସ ୩ଟି, ଏମଏସଆଇଡି କିଟ ୨୦ ଟି ଉପକରଣ ବଣ୍ଟନ କରାଯାଇଥିଲା । ନୂଆପଡା ବିଆରଟି ଶ୍ରୀ ଉପେନ୍ଦ୍ର ସାମଲ ଓ କାର୍ତ୍ତିକ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ଖର୍ସେଲ, ଡଗେଶ୍ୱର ସାହୁ, କାମଦେବ ଦେୱାଙ୍ଗନ୍, କେଜି ପଟେଲ, କୁମାରୀ ବାଇ ସତ୍ନମୀ, ଓମ୍ ପ୍ରକାଶ ବାରିକ, ରେଣୁବାଳା ସାମଲ, ସୁରେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଗ୍ରାମାଞ୍ଚଳରେ ସମବାୟ ସମିତିର ସଶକ୍ତୀକରଣ ଓ ସୁଦୃଢ଼ୀକରଣ ପାଇଁ ସମବାୟ ମନ୍ତ୍ରଣାଳୟର ଦୁଇ ଦିନିଆ ଜାତୀୟ ସମୀକ୍ଷା ବୈଠକ ଆଜି ଭୁବନେଶ୍ୱରରେ ସଫଳତାର ପୂର୍ବକ ସମ୍ପନ୍ନ

ଭୁବନେଶ୍ୱର (ପିଆଇବି) : ଦେଶରେ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବା ଏବଂ ଗ୍ରାମାଞ୍ଚଳରେ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ସମୀକ୍ଷା ବୈଠକ ଆଜି ଭୁବନେଶ୍ୱରରେ ସଫଳତାର ସହ ଶେଷ ହୋଇଛି । ବୈଠକକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦଘାଟନ କରିଥିବା ବେଳେ ସମବାୟ ମନ୍ତ୍ରଣାଳୟ ସଚିବ ଡ. ଆଶିଷ କୁମାର ଭୂଟାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ପ୍ରତ୍ୟେକ ଗାଁ/ପଞ୍ଚାୟତରେ ଆରମ୍ଭ କରିଥିବା ୩ଟି ପ୍ରମୁଖ ପଦକ୍ଷେପ ଉପରେ ଏସଓପିକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ଏବଂ ତୃଣମୂଳ ସ୍ତରରେ ଏହି କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରିବା ସମ୍ପର୍କରେ ଜାତୀୟ ସମୀକ୍ଷା ବୈଠକରେ ଅନ୍ୟତମ ମୁଖ୍ୟ ବିଷୟବସ୍ତୁ ଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୩ଟି ପ୍ରମୁଖ ପଦକ୍ଷେପ ଉପରେ ମାନକ ପରିଚାଳନା ପ୍ରକ୍ରିୟା (ଏସଓପି)ରେ ୨ ଲକ୍ଷ ନୂତନ ଏମପିଏସିଏସ, ଦୁଗ୍ଧ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଓ ସୁଦୃଢ଼ୀକରଣ, 'ଶ୍ୱେତ ବିପ୍ଳବ ୨.୦' ଏବଂ 'ସମବାୟ




ମଧ୍ୟରେ ସହଯୋଗ' ଉପରେ ଏସଓପି ଅନ୍ତର୍ଭୁକ୍ତ । ଦୁଇ ଦିନିଆ ସମୀକ୍ଷା ବୈଠକରେ ପ୍ୟାକ୍ସଗୁଡ଼ିକୁ ଜାତୀୟ ଓ ଅନ୍ତର୍ଜାତୀୟ ରପ୍ତାନି ପାଇଁ ସୁଯୋଗ ପ୍ରଦାନ କରି ଏକ ସକ୍ରିୟ ଆର୍ଥିକ ୟୁନିଟରେ ପରିଣତ କରିବାର ଲକ୍ଷ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସରକାରଙ୍କ ପ୍ରଥମ ୧୦୦ ଦିନରେ ସମବାୟ ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ୧୦ଟି ପଦକ୍ଷେପ ମଧ୍ୟରୁ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନିକଟରେ ନୂଆଦିଲ୍ଲୀରେ ଜାତୀୟ ସମ୍ମିଳନୀରେ ତିନୋଟି ପ୍ରମୁଖ ପଦକ୍ଷେପର ଶୁଭାରମ୍ଭ କରିଥିଲେ । ମନ୍ତ୍ରଣାଳୟର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ସଫଳ ରୂପାୟନ ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା । ସମବାୟ ଷ୍ଟାର୍ଟଅପକୁ ପ୍ରୋତ୍ସାହିତ କରିବା ପାଇଁ ଯୁବବର୍ଗଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ବୈଠକରେ ବିଚାରବିମର୍ଶ ହୋଇଥିଲା । ଆଗାମୀ ଦିନରେ ସମବାୟ ସମିତିରେ ଯୁବ ଭାଗିଦାରୀ ବୃଦ୍ଧି, ସମବାୟ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଆଧୁନିକୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ତୃଣମୂଳ ସ୍ତରରେ ଶକ୍ତିଶାଳୀ ଅନୁଷ୍ଠାନ ଗଠନ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥିଲେ ଯେଉଁଥିରେ ଗୁଣାତ୍ମକ ଇନପୁଟ୍, ସଂରକ୍ଷଣ ଢାଞ୍ଚା, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ମାର୍କେଟିଂ ସୁବିଧା ଭଳି ସ୍ଥାନୀୟ ଲୋକଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ ।

# ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ରାୟଗଡ଼ (ମାନିସ) : ରାୟଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସନ୍ଧ୍ୟା ୬.୦୦ ଘଟିକା ସମୟରେ ଜିଲ୍ଲାପାଳ ରାୟଗଡ଼ଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ. ସିମାଞ୍ଚଳ ମହାପାତ୍ରଙ୍କ ଅବସକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀ ଭାସ୍କର ରଇତ, ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ଙ୍କ ଅଧ୍ୟକ୍ଷତକ୍ଷରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ. ସିମାଞ୍ଚଳ ମହାପାତ୍ର ଏବଂ ସମ୍ମାନୀତ ଅତିଥି , ଯୁଗ୍ମ ନିର୍ଦ୍ଦେଶକ (ଓଜ୍ଞ ଛ ଓଓଙ୍ଗ) ଶ୍ରୀ. ଏନ. ଗୁଣଶେଖର, ଶ୍ରୀମତୀ ପ୍ରତିମା ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ରାୟଗଡ଼, ଶ୍ରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଶ୍ରୀ. ଏଲ. ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଗୁଣୁପୁର, ରଞ୍ଜିତା ବେହେରା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ ସଭାରେ ଉପସ୍ଥିତ ଥିଲେ । ଏତଦ ବ୍ୟତୀତ ଜିଲ୍ଲାପାଳ, ରାୟଗଡ଼ଙ୍କ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶ୍ରୀ. ସିମାଞ୍ଚଳ ମହାପାତ୍ରଙ୍କ ଅବସରପ୍ରାପ୍ତି ପରେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ଶ୍ରୀ. ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ଙ୍କୁ ପ୍ରଦାନ କରାଯାଇଛି । ସଭା ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ବହୁ ଡାକ୍ତର ପଦବୀ ଖାଲି

ସାଲେପୁର (ମାନିସ) : ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁତ୍ୱ ଦେଇ ପ୍ରାୟ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନୂତନ ବିଲ୍ଡିଂ ନିର୍ମାଣ କରାଯିବା ସହ ଉନ୍ନତମାନର ସେବା ଯୋଗାଇବା ଉଦ୍ଦେଶ୍ୟରେ ସରକାର ଯୋଜନା କରିଥିଲେ । କିନ୍ତୁ ସରକାରଙ୍କ ଯୋଜନା ପାଣି ଫୋଟକା ପରି ପରିଲକ୍ଷିତ ହେଉଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ୧୮ଜଣ ସ୍ଥାୟୀ ଡାକ୍ତର ସ୍ଥାନରେ ମାତ୍ର ୪ଜଣ ଡାକ୍ତର ରୋଗୀସେବା କରୁଥିବାବେଳେ ଆୟୁଷ ଡାକ୍ତର ଭରସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି । ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୩ଟି ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ପାଇଁ ଏକ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଅଟେ । ଏହାକୁ ଗୁରୁତ୍ୱ ଦେଇ ସରକାର ଲୋକମାନଙ୍କୁ ଉନ୍ନତମାନର ସେବା ଯୋଗାଇଦେବାପାଇଁ ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଏଠାରେ ନୂତନ ଡାକ୍ତରଖାନା ଖୋଲିଥିଲେ ମଧ୍ୟ ନୂତନ ଡାକ୍ତର ନଥିବାରୁ ଏଠାରେ ରୋଗୀସେବା ବାଧାପ୍ରାପ୍ତ ହେଉଛି । ଏହି ଡାକ୍ତରଖାନାରେ ବିଭିନ୍ନ ବିଭାଗର ୧୮ଜଣ ସ୍ଥାୟୀ ଡାକ୍ତର ପଦବୀ ରହିଥିବାବେଳେ ମାତ୍ର ୪ଜଣ ସ୍ଥାୟୀ ଡାକ୍ତର ଏଠାରେ ସେବା କରୁଛନ୍ତି । ଆବଶ୍ୟକୀୟ ଡାକ୍ତର ନଥିବାରୁ ଦିନକୁ ଦିନ ଏହି ଡାକ୍ତରଖାନାକୁ ରୋଗୀଙ୍କ ସଂଖ୍ୟା ହ୍ରାସପାଇବାରେ ଲାଗିଛି । ଅପର ପକ୍ଷରେ ଅଭିଜ୍ଞ ଡାକ୍ତର ନଥିବାରୁ ସାମାନ୍ୟ ରୋଗ ହେଲେ ମଧ୍ୟ ଏଠାରେ ଚିକିତ୍ସା କରୁଥିବା ଡାକ୍ତର ରୋଗୀମାନଙ୍କ ଅଧିକ ଚିକିତ୍ସା ପାଇଁ କଟକ ପଠାଉଛନ୍ତି । ସାଲେପୁର, ମାହାଙ୍ଗା ଓ କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାୟ ଅଧିକାଂଶ ପଞ୍ଚାୟତର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଗରୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବାର ସୁନାମ ରହିଥିବାବେଳେ ଏବେ ଡାକ୍ତର ପଦବୀ ଫାଙ୍କା ପଡିଥିବାରୁ ଏଠାକୁ ଆସୁଥିବା ରୋଗୀମାନେ ଆବଶ୍ୟକୀୟ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮ଜଣ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ଜଣେ ସୁପରିଟେଣ୍ଡେଣ୍ଟ, ବ୍ଲକ୍ ପ୍ରୋଜେକ୍ଟ ହେଲଥ ଅଫିସର, ଜଣେ ଶିଶୁରୋଗ ବିଶେଷଜ୍ଞ ଓ ୨ଜଣ ଆସିଷ୍ଟାଣ୍ଟ୍ ସର୍ଜନ ରହିଥିବାବେଳେ ଅବଶିଷ୍ଟ ଡାକ୍ତର ପଦବୀ ଖାଲିପଡିଛି । ଏହି ଖାଲିପଡିଥିବା ଡାକ୍ତର ପଦବୀ ମଧ୍ୟରୁ ପ୍ରସୂତି ବିଭାଗ, ମେଡ଼ିସିନ୍ ବିଭାଗ, ଚକ୍ଷୁ ବିଶଷଜ୍ଞ ଡାକ୍ତର ଓ ଡେଣ୍ଟାଲ ବିଶେଷଜ୍ଞ ଡାକ୍ତର ପଦବୀ ସମେତ ମୋଟ୍ ୧୪ଗୋଟି ଡାକ୍ତର ପଦବୀ ଖାଲିପଡିଛି । କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଦୀର୍ଘ ବର୍ଷ ଧରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଡାକ୍ତର ପଦବୀ ଖାଲି ପଡିଥିବାବେଳେ ଏ ଦିଗରେ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ପଦବୀ ପୂରଣ କରିବା ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

ମାତୃଭାଷା

# ଖେଳ ଖବର



## ଏକାଧିକ ରେକର୍ଡର ଅଧିକାରୀ ହେଲେ ଜୈସ୍ୱାଲ



**କାନପୁର, ୧।୧୦:** ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଚମକିଛନ୍ତି। ବାଂଲାଦେଶ ବିପକ୍ଷ ଅପ୍ରତ୍ୟାଶିତ ଦ୍ୱିତୀୟ ଟେଷ୍ଟ ବିଜୟର ଶ୍ରେଷ୍ଠ ଖେଳିକି ପୁରସ୍କାର ଜୈସ୍ୱାଲଙ୍କୁ ମିଳିଛି।

ସେ ପ୍ରଥମ ଇନିଂସରେ ୫୧ ବଲରେ ୭୨ ଓ ଦ୍ୱିତୀୟ ଇନିଂସରେ ୪୫ ବଲରେ ୫୧ ରନ କରିଛନ୍ତି। ତାଙ୍କର ଏହି ଦମଦାର ପ୍ରଦର୍ଶନ ବଳରେ ଭାରତ ବେଶ ରୋମାଞ୍ଚକର ଢଙ୍ଗରେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟକୁ ୭ ୱିକେଟରେ ଜିତି ନେଇଛି।

ତେବେ ଜୈସ୍ୱାଲ ଜଲୱା ଏତିକିରେ ଅଟକି ନାହିଁ। ସେ ନିଜର ପ୍ରଦର୍ଶନ ବଳରେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ନାଁରେ ଲମ୍ବା ସମୟ ଧରି ରହିଥିବା ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ୧୯୭୧ ମସିହା ସୁନୀଲ ଗାଭାସ୍କର ୯୧୮ ରନ କରିଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଆଜି ଯାଏ ତାଙ୍କ ଠାରୁ କୌଣସି ଭାରତୀୟ ବ୍ୟାଟର ଅଧିକ ରନ କରିପାରି ନଥିଲେ। ୨୩ ବର୍ଷ ହେବା ପୂର୍ବରୁ ଗାଭାସ୍କର ଏପରି ରେକର୍ଡ କରିଥିଲେ।

ତେବେ ୨୨ ବର୍ଷ ଓ ୨୭୮ ଦିନ ବୟସରେ ଜୈସ୍ୱାଲ ତାଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ସେ ୨୦୨୪ରେ ୯୨୯ ରନ କରି ସାରିଛନ୍ତି। ଚଳିତ ବର୍ଷ ଆହୁରି ମ୍ୟାଚ୍ ଥିବାରୁ ଜୈସ୍ୱାଲଙ୍କ ରେକର୍ଡ ଦୀର୍ଘ ବର୍ଷ ଧରି ଅକ୍ଷୁଣ୍ଣ ହୋଇ ରହିବ ବୋଲି ଆଶା କରାଯାଉଛି।

ଜୈସ୍ୱାଲ ଚଳିତ ବର୍ଷ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ୨୦୨୪ରେ ମାତ୍ର ୮ଟି ଟେଷ୍ଟ ଖେଳି ରେକର୍ଡ

**ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ, ସେହ୍ୱାଗଙ୍କ ସମକକ୍ଷ ହେଲେ**

୯୨୯ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୬୬.୩୫। ଏହା ମଧ୍ୟରେ ୨ଟି ଶତକ ଓ ୬ଟି ଅର୍ଦ୍ଧଶତକ ରହିଛି। ବ୍ୟାଟିଂରେ ଜୈସ୍ୱାଲଙ୍କ ସ୍ଥିରତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ବାଂଲାଦେଶ ବିପକ୍ଷ କାନ୍ପୁର ଟେଷ୍ଟରେ ଜୈସ୍ୱାଲ ଦ୍ୱିତୀୟ ଭାରତୀୟ ଭାବେ ଉଭୟ ଇନିଂସରେ ୧୦୦ କିମ୍ବା ତା'ଠାରୁ ଅଧିକ ଷ୍ଟ୍ରାଇକ ରେଟରେ ଅର୍ଦ୍ଧଶତକ ହାସଲ କରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ଏହି ସଫଳତା ପରେ ସେ ବୀରେନ୍ଦ୍ର ସେହ୍ୱାଗଙ୍କ ନାଁରେ ଥିବା ରେକର୍ଡର ସମକକ୍ଷ ହୋଇଛି।

## ୨-୦ରେ ସିରିଜ୍ ଜିତିଲା ଟିମ୍ ଇଣ୍ଡିଆ

- ଧୂଳି ଚାଟିଲା ବାଂଲାଦେଶ
- ଦ୍ୱିତୀୟ ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଲା ଭାରତ




**କାନପୁର,୧।୧୦:** କାନପୁର ଟେଷ୍ଟରେ ଭାରତ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୦ରେ ଜିତିଛି। ଟିମ ଇଣ୍ଡିଆର ୯୫ ରନ ଲକ୍ଷ୍ୟ ଥିଲା। ଭାରତ ମାତ୍ର ୩ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲେ। ବିରାଟ କୋହଲି ୨୯ ରନରେ ଅପରାଜିତ ରହିଥିଲେ ଏବଂ ରିଷଭ ପନ୍ତ ଚାରି ରନରେ ଅପରାଜିତ ରହିଥିଲେ। ୮ ରନ ସ୍କୋର କରିବା ପରେ ରୋହିତ ଶର୍ମା, ୬ ରନ ସ୍କୋର କରିବା ପରେ ଶୁବମନ ଗିଲ ଏବଂ ୫୧ ରନ ସ୍କୋର କରିବା ପରେ ଯଶସ୍ୱୀ ଜୟସ୍ୱାଲ ଆଉଟ ହୋଇଥିଲେ। ବିରାଟ ଏବଂ ଯଶସ୍ୱୀଙ୍କ ମଧ୍ୟରେ ତୃତୀୟ ଉଇକେଟ ପାଇଁ ୫୮ ରନ ଭାଗିଦାରୀ ହୋଇଥିଲା। ବାଂଲାଦେଶ ପାଇଁ ମେହେଦି ହାସନ ମିରାଜ ଦୁଇଟି ଉଇକେଟ ନେଇଥିବାବେଳେ ତାଇଜୁଲ ଇସଲାମ ଗୋଟିଏ ଉଇକେଟ ନେଇଛନ୍ତି। ଯଶସ୍ୱୀ ତାଙ୍କ ଇନିଂସରେ ୮ ଚୌକା ଓ ଗୋଟିଏ ଛକା ମାରିଥିଲେ।

ଟସ ହାରି ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୨୩୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଭାରତ ଆକ୍ରମଣାତ୍ମକ ବ୍ୟାଟିଂ କରି ନଅ ଉଇକେଟ ପାଇଁ ୨୮୫ ରନ୍‌ରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଏହା ପରେ ଭାରତ ୫୨ ରନରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସରେ ବାଂଲାଦେଶ ଦଳ ୧୪୬ ରନ ସଂଗ୍ରହ କରି ଭାରତକୁ ୯୫ ରନ ଲକ୍ଷ୍ୟ ଦେଇଥିଲା। ଟେଷ୍ଟରେ ୯୦ ଓଭର ଗୋଟିଏ ଦିନରେ ସରକାରୀ ଭାବେ ବୋଲିଂ ହୋଇଛି। ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୭୪.୨ ଓଭର ଖେଳିଥିଲା, ଭାରତ ପ୍ରଥମ ଇନିଂସରେ ୩୪.୪ ଓଭର ଖେଳିଥିଲା, ବାଂଲାଦେଶ ଦ୍ୱିତୀୟ ଇନିଂସରେ ୪୭ ଓଭର ଖେଳିଥିଲା ଏବଂ ଭାରତ ଦ୍ୱିତୀୟ ଇନିଂସରେ ୧୭.୨ ଓଭର ଖେଳିଥିଲା। ଯଦି ଏହି ସବୁକୁ ମିଶାଯାଏ, ତେବେ ପ୍ରାୟ ୧୭୪ ଓଭର ହେବ ଏବଂ ଏହା ଦୁଇ ଦିନର ମୋଟ ଓଭର ୧୮୦ଠାରୁ କମ ଅଟେ ।

ଏହି ଟେଷ୍ଟରେ ଭାରତ ଏକ ସାହସିକ ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମ ଦିନରେ କେବଳ ୩୫ ଓଭର ଖେଳାଯାଇପାରିଥିଲା। ବର୍ଷା ମ୍ୟାଚକୁ ବ୍ୟାହତ କରିଥିଲା ଏବଂ ପରେ ଦ୍ୱିତୀୟ ଏବଂ ତୃତୀୟ ଦିନରେ ଖେଳ ବର୍ଷା ହେତୁ ଧୋଇ ଯାଇଥିଲା। ଖେଳ ଚତୁର୍ଥ ଦିନରେ ଆରମ୍ଭ ହୋଇଥିଲା ଏବଂ ବାଂଲାଦେଶକୁ ପରାସ୍ତ କରିବା ପରେ ଭାରତ ଚମତ୍କାର ବ୍ୟାଟିଂ କରି ଟେଷ୍ଟରେ କୌଣସି ଦଳ ଦ୍ୱାରା ଦ୍ରୁତତମ ୫୦, ୧୦୦, ୧୫୦, ୨୦୦ ଏବଂ ୨୫୦ ରନ ସ୍କୋର କରିବାର ରେକର୍ଡ ସୃଷ୍ଟି କରିଥିଲା। ଏହା ପରେ ବାଂଲାଦେଶ ଦ୍ୱିତୀୟ ଇନିଂସରେ ସେମାନଙ୍କୁ ପରାସ୍ତ କରି ସହଜ ଟାର୍ଗେଟକୁ ପିଛା କରିଥିଲା ।

## ଭାରତର ପାକିସ୍ତାନ ଗସ୍ତ ନେଇ ବଡ଼ ନିଷ୍ପତ୍ତି ନେଲା ବିସିସିଆଇ



**ନୂଆଦିଲ୍ଲୀ, ୧।୧୦:** ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବ କି ନାହିଁ ତାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ତେବେ ଏହାକୁ ନେଇ ବିସିସିଆଇ ପକ୍ଷରୁ ଆସିଛି ବଡ଼ ଖବର। ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ସୋମବାର କହିଛନ୍ତି, ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳର ପାକିସ୍ତାନ ଗସ୍ତକୁ ନେଇ ଭାରତ ସରକାର ଅନ୍ତିମ ନିଷ୍ପତ୍ତି ନେବେ। ଶୁକ୍ଳା କାନପୁରରେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜର ଚତୁର୍ଥ ଦିନ ଖେଳ ପରେ ସାମ୍ବାଦିକଙ୍କୁ ସୂଚନା ଦେଇ କହିଛନ୍ତି, ବୋର୍ଡ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ନିର୍ଣ୍ଣୟ ନିଆଯାଇ ନାହିଁ। ଆମର ନୀତି ଏହା ଯେ, ଅନ୍ତର୍ଜାତୀୟ ଗସ୍ତ ପାଇଁ ସର୍ବଦା ଆମେ ସରକାରଙ୍କ ଅନୁମତି ନେଇଥାଉ। ଆମ ଦଳ କେଉଁ ଦେଶକୁ ଗସ୍ତ କରିବ କେଉଁ କେଉଁଠି କି ନୁହେଁ ତାହା ସରକାର ସ୍ଥିର କରିଥାନ୍ତି। ବର୍ତ୍ତମାନ ପାକିସ୍ତାନ ଯିବା ପ୍ରସଙ୍ଗରେ ସରକାର ଯାହା ନିଷ୍ପତ୍ତି ନେବେ ତାହା ପାଳନ ହେବ ବୋଲି ବିସିସିଆଇ ଉପାଧ୍ୟକ୍ଷ କହିଛନ୍ତି। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରଠୁ ଭାରତୀୟ ଦଳ ଦ୍ୱିପାକ୍ଷିକ ସିରିଜ୍ ପାଇଁ ପାକିସ୍ତାନ ଗସ୍ତ କରି ନାହିଁ। କେବଳ ଆଇସିସି ଇଭେଣ୍ଟ ଓ ଏସିଆ କପ୍‌ରେ ଉଭୟ ଦଳ ମୁହାଁମୁହିଁ ହେଉଛନ୍ତି। ପାକିସ୍ତାନ ଗତ ଦିନିକିଆ ବିଶ୍ୱକପ୍ ପାଇଁ ସାତ ବର୍ଷ ପରେ ଭାରତ ଗସ୍ତ କରିଥିଲା। ତେବେ ଭାରତ ଗସ୍ତ କରିବ କି ନାହିଁ ତାହା ଏବେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର। ବିସିସିଆଇ ଭାରତର ମ୍ୟାଚ୍‌ଗୁଡ଼ିକୁ ପାକିସ୍ତାନରୁ ଅନ୍ୟତ୍ର ଶ୍ରୀଲଙ୍କା କିମ୍ବା ଦୁବାଇରେ ଆୟୋଜନ କରିବା ପାଇଁ ଅନୁରୋଧ କରିପାରେ।

**ଆଇସିସି ଚାମ୍ପିଅନ୍ସ ଟ୍ରଫି**

### ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ

## ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଆ ଛାତ୍ର ରୋହିତ ପାତ୍ର

**କୋରାପୁଟ,୧।୧୦:** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଅକ୍ଟୋବର ୦୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନଶିପରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଭାରତୀୟ ଦଳରେ ମନୋନୀତ ହୋଇଥିବାରୁ ଅଭିନନ୍ଦନ ଜଣାଇବା ସହ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଫେସର ତ୍ରିପାଠୀ କହିଛନ୍ତି, ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ରୋହିତଙ୍କ ଚୟନ ବିଶ୍ୱବିଦ୍ୟାଳୟ ଓ ଦେଶ ପାଇଁ ଗର୍ବର ବିଷୟ। ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ନୁହେଁ ବରଂ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ଓ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ ଆଣିବାର ଏକ ସୁଯୋଗ। ଆମେ ନିଶ୍ଚିତ ଯେ ସେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବେ ଓ ଦେଶକୁ ପାଇଁ ଗୌରବ ଆଣିବେ। କୋରାପୁଟ ଜିଲା ବାସିନ୍ଦା ରୋହିତ ବର୍ତ୍ତମାନ କୋରାପୁଟ ମ୍ୟୁନିସିପାଲିଟି ଜିମରେ ପାୱାରଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିସାରିଛନ୍ତି। ଆଗାମୀ ରାଜ୍ୟଗୋଷ୍ଠୀ ଚାମ୍ପିଅନଶିପରେ ସେ ସବ୍ ଜୁନିୟର, ୧୨୦+ କେଜି ବର୍ଗରେ ଭାଗ ନେବେ। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ରାଜ୍ୟଗୋଷ୍ଠୀ ଏକ୍ୟୁପଡ୍ ଓ କ୍ଲାସିକ ସବ୍ ଜୁନିୟର, ଜୁନିୟର ପାୱାରଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ ସବ୍-ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ ଚାମ୍ପିୟନଶିପ ଅନୁଷ୍ଠିତ ହେବ।

DADLS-36



ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨ ଅକ୍ଟୋବର, ୨୦୨୪

ସକାଳ ଘ.୮.୪୦ମି.– ପ୍ରାର୍ଥନା ସଭା ଓଡ଼ିଶା ବିଧାନସଭା ପ୍ରାଙ୍ଗଣ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୪ରିଖ ସକାଳ ଘ.୮.୪୦ମି. ସମୟରେ ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ।

ଏହି ପ୍ରାର୍ଥନା ସଭାରେ
ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ମାନ୍ୟବର ମନ୍ତ୍ରୀଗଣ, ସାଂସଦ ଓ ବିଧାୟକବୃନ୍ଦ ଯୋଗଦେବେ ।

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଆଶ୍ରମ ଭଜନ ଓ ରାମଧୂନ୍ ପରିବେଷଣ

ପୂର୍ବାହ୍ନ ୯ ଘଟିକା – ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠ, କଟକ
ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ
ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅପରାହ୍ନ ଘ.୫.୪୫ ମିନିଟ୍ ଜୟଦେବ ଭବନ, ଭୁବନେଶ୍ୱର
'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ
ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ
ସନ୍ଧ୍ୟା ୬ ଘଟିକା
'ଗାନ୍ଧୀ ଦର୍ଶନ' ସମ୍ପର୍କିତ ଆଲୋଚନା ଚକ୍ର, ଗାନ୍ଧୀ ଭଜନ ପରିବେଷଣ
ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି–ଶ୍ରୀଯୁକ୍ତ ବାବୁ ସିଂହ, ମାନ୍ୟବର ବିଧାୟକ, ଏକାମ୍ର, ଭୁବନେଶ୍ୱର
ସଭାପତି – ଶ୍ରୀଯୁକ୍ତ ସଂଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା– ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ପରିଡ଼ା, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ଲେଖକ
ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ନିବେଦନ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR 15001/13/0224/2425
MBA/24-25/0261

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar